ଘରୋଇ ପ୍ରସାରଣ ନିମନ୍ତେ

# ଧରମା

ପ୍ରଥମ ବର୍ଷ | ପ୍ରଥମ ସଂଖ୍ୟା | ଡ଼ିସେମ୍ବର - ଫେବୃଆରୀ-୨୦୧୭



ଅଧାରୁ ପାଠଛାଡ଼ି ଚାଲି ଯାଇଥିବା ନିର୍ମାଣ ଶ୍ରମିକ ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାପାଇଁ ଏକ ସଚେତନତା ରାଲି

ଡ଼. ଗୋଲକ ବିହାରୀ ନାଥ
-ମୁଖ୍ୟ ସଂପାଦକ
ଶ୍ରୀ ରକ୍ଷାକର ଅନୁପମ
-ସଂପାଦକ

## ଭିତର ପୃଷ୍ଠାରେ......



- ଧରମା ଫାଉଣ୍ଡେସନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ
- ଏ ଅଭିଯାନ କାହିଁକି
- ନିର୍ମାଣ କ୍ଷେତ୍ରର ଶିଶୁ
- ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ସୁବିଧା
- କୋଣାର୍କ
- ନିର୍ମାଣ ଶ୍ରମିକ ପିଲାମାନଙ୍କୁ କଲ୍ୟାଣ ବୋର୍ଡ଼ ତରଫରୁ ମିଳୁଥିବା ଶିକ୍ଷା ସହାୟତା



## ସଂପାଦକୀୟ

ଅତୀତ ଉତ୍କଳର ଏକ କିମ୍ବଦନ୍ତୀ ଚରିତ୍ର ଧରମା, ଆଜିର ସପ୍ତାଶ୍ଚର୍ଯ୍ୟ ଭିତରେ ପାଦ ଥାପିଥିବା କୋଣାର୍କର ମାନ୍ୟତା ଶ୍ରେଷ୍ଠଶିଳ୍ପୀ ଧରମା ପାଖକୁ ହିଁ ଯାଏ । ବିଶୁ ମହାରଣାର ଏକ ମାତ୍ର ପୁତ୍ର ଧରମା ଯିଏ ଜନ୍ମରୁ ବାପାକୁ ଦେଖିନାହି କି ଚିହ୍ନି ନାହିଁ, ତଥାପି ବାପାଙ୍କ ପ୍ରତି ରହିଛି ତାହାର ଦୁର୍ବାର ଆକର୍ଷଣ । ଶୈଶବରୁ ଏକାକୀତ୍ୱ ବୋଧ କରି ମାଆଙ୍କ ସାଥିରେ ରହିଆସିଛି କାରଣ ରାଜାଙ୍କ ଆଦେଶରେ ପିତା ଯାଇଛନ୍ତି ମନ୍ଦିର ତିଆରି କରିବାକୁ । ରାଜାର ଆଦେଶ ଅଛି ପାଞ୍ଚବର୍ଷ ଭିତରେ ମନ୍ଦିର ତିଆରି ଶେଷ ହେବ, ତାପୂର୍ବରୁ କେହି ଘରକୁ ଫେରିପାରିବେ ନାହିଁ । ପାଞ୍ଚ ବର୍ଷ କଣ ୧୨ ବର୍ଷ ଶେଷ ହେବାକୁ ବସିଲାଣି, ତଥାପି ଶେଷ ହେଉ ନାହିଁ । ମା' ପେଟରେ ଥିବା ଧରମା ଏବେ ଜନ୍ମ ନେଇ ୧୨ ବର୍ଷର ବାଳକ ହେଲାଣି, ଉତ୍କଳର ୧୨ବର୍ଷର ରାଜସ୍ୱ ଖର୍ଚ୍ଚ ହୋଇ ସରିଲାଣି । ୧୨ଶହ ବଢେଇ ଦିନ ରାତି ଏକାକାର କରି ପରିଶ୍ରମ କରି ଚାଲିଛନ୍ତି, ନିହାଣ ମୂନରେ ଛୁଈଁରେଖା କାମ କରିଛନ୍ତି । ମନ୍ଦିର ଠିଆ ହୋଇ ସାରିଲାଣି କିନ୍ତୁ ଶେଷ କାମ, ଦଧିନଉତି ବସାଇ ମୁଣ୍ଡି ମାରିବା କାମ ଶେଷ ହୋଇ ପାରୁନାହିଁ । କେତେ ଥର ଗଢ଼ା ଯାଉଛି, କେତେଥର ଭଙ୍ଗା ଯାଉଛି, ମନକୁ ପାଉନି ସମସ୍ତେ ନିଜ ନିଜର ଶ୍ରେଷ୍ଠ ନୈପୁଣ୍ୟକୁ ଦେଖାଇବାରେ ବ୍ୟସ୍ତ, ତଥାପି ମନଲାଖି ହୋଇ ପାରୁନାହିଁ ଅନ୍ୟ ପଟେ ରାଜା ମଧ୍ୟ ଚିନ୍ତିତ, ଏତେଦିନ ଏତେଟଙ୍କା ଖର୍ଚ୍ଚ ହେଲାପରେ ମଧ୍ୟ କାମ ଶେଷ ହେଉ ନାହିଁ । ତେଣୁ ବିରକ୍ତି ଭାବ ପ୍ରକାଶ କରି ରାଜା ଆଦେଶ ଦେଇଛନ୍ତି, ଆସନ୍ତା ପୂର୍ଣ୍ଣିମା ଦିନ ଯଦି କାମ ଶେଷ ନହେବ ତେବେ ସମସ୍ତ ଶିଳ୍ପୀଙ୍କର ମୁଣ୍ଡ କାଟ ହେବ, ଭାଳେଣି ପଡିଯାଇଛି ଶିଳ୍ପୀକୂଳ ମଧ୍ୟରେ । ସମସ୍ତେ ଶଙ୍କାଗ୍ରସ୍ତ

ଚିନ୍ତାକୂଳ, ଠିକ ଏମିତି ଏକ ଘଡି ସନ୍ଧି ମୂହର୍ତ୍ତର ଶ୍ରେଷ୍ଠ ପ୍ରହରରେ ପିତାଙ୍କୁ ଖୋଜି ଖୋଜି ଆସି ପହଞ୍ଚିଛି ଧରମା, ଗାମୁଛାରେ ବନ୍ଧା ବାରି ବରକୋଳି ପିତା ପୁତ୍ରର ସଂପର୍କର ପରିଚୟକୁ ସ୍ୱିକୃତି ଦେଇଛି, ପରସ୍ପରକୁ କୋଳାଗ୍ରତ କରିଛନ୍ତି । ଚକ୍ଷୁରୁ ଝରିଯାଉଛି ଅଶ୍ରୁ, ଏକ ଅପୂର୍ବ ଆପଣା ପଣର ମହକରେ ଭରି ଯାଇଛି ମନ, ପ୍ରାଣ, ହୃଦୟ ଓ ଶରୀର ବିଶୁ ମହାରଣାର ମନଃଚକ୍ଷୁରେ ଦେଖା ଯାଉଛି ତା' ଗାଁ, ଛାଡ଼ି ଆସିଥିବା ଅନ୍ତଃସତ୍ତା ସ୍ତ୍ରୀ ର ରୂପ ଲାବଣ୍ୟ, ସାହି, ପଡୋଶୀ, ବନ୍ଧୁ ପରିଜନ ମାନଙ୍କୁ । କିନ୍ତୁ ପର ମୁହୁର୍ତ୍ତରେ ମନ ବିଷାଦଗ୍ରସ୍ତ, କାଲି ପ୍ରଭାତରେ ତାଙ୍କ ସମସ୍ତଙ୍କ ମୁଣ୍ଡ କାଟ ହେବ, ଆଉ ସେ ଦେଖି ପାରିବେନି ତାଙ୍କ ନିଜ ଜନ୍ମମାଟି, ସେ ପରିବେଶ, ସେ ନଦୀ, ପୋଖରୀ, ଝରଣା, ପିତା ସବୁକଥା କହିଛନ୍ତି ଧରମାକୁ ଅତ୍ୟନ୍ତ ଆବେଗ ବଶରେ । ସ୍ମିତ ହସ ଦେଖା ଦେଉଛି ଧରମା ମୁଖ ମଣ୍ଡଳରେ, ସେ ତ ଦେବ ଶିଶୁ, କାହିକି ବା ବିଚଳିତ ହେବ, ଏ ଆଶଙ୍କାରୁ ସମସ୍ତଙ୍କୁ ମୁକ୍ତ କରିବାପାଇଁ ପ୍ରତିଶୃତି ଦେଇଛି, ମୁଁ ମୁଣ୍ଡି ମାରିବି ରାତିକ ଭିତରେ, କୁଟାଖିଅକୁ ଆଶ୍ରାକଲା ପରି ସମସ୍ତେ ଅନେଇ ରହିଛନ୍ତି ତା କାମକୁ । କୁଆଁ ତାରା ଉଇଁଲାଣି, ଚନ୍ଦ୍ର ଅସ୍ତଗାମୀ ହେବାକୁ ଯିବା ପୂର୍ବରୁ ତା କାମ ଶେଷ ହେଲା । ୧ ୨ ଶହ ବଢେଇ ମନରେ ଆନନ୍ଦର ଜୁଆର, ସମସ୍ତେ ବଧେଇ ଜଣାଉଛନ୍ତି ଏମିତି ଏକ ଦେବଦୂତ ବାଳକର ପିତା ବିଶୁ ମହାରଣାକୁ, କିନ୍ତୁ ହଠାତ ପୁଣି ବିଷାଦ, ଶଙ୍କାଗ୍ରସ୍ତ ସମସ୍ତେ ଯଦି ରାଜା ଜାଣିବେ ଏ କାମ ଧରମାର, ଶିଳ୍ପୀକୂଳର ନୁହେଁ, ତେବେ ବିଶୁ ମହାରଣାକୁ ଛାଡି ଅନ୍ୟ ମାନଙ୍କର ମୁଣ୍ଡକାଟ ହୋଇପାରେ ? ସମସ୍ତେ ତେଣୁ ବିଶୁ ପାଖକୁ ଯାଇ ଅନୁରୋଧ କରୁଛନ୍ତି ତୁ ତୋ ପୁଅଙ୍କୁ ବଞ୍ଚେଇବୁ ନା ଆମ ସମସ୍ତିଙ୍କୁ ବଞ୍ଚେଇବୁ, ପୁଅରେ ଦାୟୀ ନା ୧ ୨ ଶହ ବଢେଇରେ ଦାୟୀ ବିଶୁ କିଛି କହିବାପୂର୍ବରୁ ଧରମା ଆଗେଇ ଆସିଛି, ବିନମ୍ର ସହକାରେ ହାତ ଯୋଡି କହିଛି "ବାପା ବାର ଶହ ବଢ଼େଇରେ ଦାୟୀ" । ଏତିକି କହି ସମସ୍ତଙ୍କ ଚକ୍ଷୁ ଆଢୁଆଳରୁ ଚାଲି ଯାଇ ମନ୍ଦିର ଶିଖରକୁ ଉଠି ବୀରଦ୍ୱର ସହିତ ଲମ୍ଫ ପ୍ରଦାନ କରି ସମୁଦ୍ରର ଅତଳ ଜଳ ରାଶିରେ ଲୀନ ହୋଇ ଯାଇଛି । ସମସ୍ତେ ହତବାକ୍, ଖୋଜୁଛନ୍ତି ଧରମାକୁ, ଦେବଶିଳ୍ପୀକୁ, ଏ ହେଉଛି ଧରମାର ଆତ୍ମଲିପି, ତା ଜୀବନର ଶେଷ କାହାଣୀ ।

ସେ ଧରମା ଆଜି ନାହିଁ ସତ, କିନ୍ତୁ ଅଛନ୍ତି ତାର ଉତ୍ତରାଧିକାରୀ, ସେ ୧ ୨ ଶହ ବଢ଼େଇ ମଧ୍ୟ ନାହାନ୍ତି ହେଲେ ବଞ୍ଚିଛନ୍ତି ତାଙ୍କ ଦାୟାଦମାନେ, ନିର୍ମାଣ ଶ୍ରମିକ ଭାବରେ । କିଏ ରାଜମିସ୍ତ୍ରୀ ହୋଇଛି ତ କିଏ ରାଜମିସ୍ତ୍ରୀଙ୍କୁ ସାହାଯ୍ୟ କରି ବାଲି, ପଥର, ଇଟା ବୋହୁଥିବା ଶ୍ରମିକ, କିଏ କାଠମିସ୍ତ୍ରୀ ତ କିଏ ରଙ୍ଗମିସ୍ତ୍ରୀ, ସେମାନଙ୍କ ନିମନ୍ତେ ରାଜ୍ୟ ସରକାର ନିର୍ମାଣ ଶ୍ରମିକ କଲ୍ୟାଣପାଣ୍ଠିର ନାନା ବିଧ ସାମାଜିକ ନିରାପତ୍ତା ନିମନ୍ତେ ଅର୍ଥ ଖର୍ଚ୍ଚ କରୁଛନ୍ତି । ସେମାନଙ୍କ ସନ୍ତାନ ସନ୍ତତି ମାନଙ୍କ ନିମନ୍ତେ ଶିକ୍ଷାବୃତ୍ତି ସହାୟତା ଆଦିର ବ୍ୟବସ୍ଥା କରାଯାଇଛି । କିନ୍ତୁ ପରିତାପର ବିଷୟ, ପଞ୍ଜୀକୃତ ନିର୍ମାଣ ଶ୍ରମିକ ମାନଙ୍କୁ ଓଡ଼ିଶା ସରକାରଙ୍କର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ତରଫରୁ ମିଳୁଥିବା ସହାୟତା ଦେବାରେ ଶ୍ରମ ବିଭାଗ କାଳକ୍ଷେପ ନୀତି ଅବଲମ୍ବନ କରୁଛନ୍ତି । ଅଧିକାରୀମାନେ ଶ୍ରମିକ ମାନଙ୍କ ସ୍ୱାର୍ଥ ବିରୋଧି କାର୍ଯ୍ୟରେ ଲିପ୍ତ ରହି ଶ୍ରମିକ ମାନଙ୍କ ସାମାଜିକ ନିରାପତ୍ତାକୁ ବିପର୍ଣ୍ଣ କରୁଛନ୍ତି । ଏପରିକି ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତିମାନଙ୍କୁ ମିଳିବାକୁ ଥିବା ଛାତ୍ର ବୃତ୍ତି ମଧ୍ୟ ଠିକ୍ ଭାବରେ ଦେଉ ନାହାନ୍ତି । ତେଣୁ ଧରମା ଅନୁଷ୍ଠାନ ଆଜି ଅଣ୍ଟା ଭିଡ଼ିଛି । କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ମାନଙ୍କର ଧରମା ସଦୃଶ ସନ୍ତାନସନ୍ତତି ମାନଙ୍କ ମଧ୍ୟରେ ଜାଗରଣ ଆଣିବ । ସେମାନଙ୍କୁ ସଚେତନ କରାଇବ । ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଜାଗ୍ରତ କରାଇ ଲୋକ ଲୋଚନକୁ ଆଣିବ । ସେମାନେ ଯେପରି ଦେଶର ସୁନାଗରିକ ହୋଇ ପାରିବେ ଓ ସେମାନଙ୍କ ପିତାମାତାଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନରେ ସହାୟକ କରିବେ । ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଉଭୟ ପିତାମାତା ଓ ସେମାନଙ୍କ ସନ୍ତାନ ସନ୍ତତି ମାନଙ୍କ ନିମନ୍ତେ ସାମାଜିକ ନିରାପତ୍ତା ଯୋଗାଇ ଦେଇଥିବାରୁ ସେମାନେ ଏକତ୍ରିତ ହୋଇ ଭାବର ଆଦାନ ପ୍ରଦାନ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ପିତାମାତାଙ୍କ ଆଗରେ ପ୍ରଦର୍ଶନ କରିବା, ପରସ୍ପରକୁ ଜାଣିବା ଓ ବାର୍ତ୍ତାଳାପ କରିବା ନିମନ୍ତେ ଧରମା ଏକ ମାଧ୍ୟମ ହୋଇ ରହିବ । ସାମାଜିକ, ଆର୍ଥିକ, ରାଜନୈତିକ ଚେତନା ବୃଦ୍ଧି ନିମନ୍ତେ ଖେଳକୁଦ, ଅଭିନୟ, ଗୀତ, ବାଦ୍ୟ, ଆଲୋଚନା ଚକ୍ର ଆଦି ମାଧ୍ୟମରେ ସେମାନଙ୍କର ବୌଦ୍ଧିକ ସାମାଜିକ, ଆର୍ଥିକ ଓ ରାଜନୈତିକ ଚେତନା ବୃଦ୍ଧିରେ ସହାୟକ ହେବ । ତେଣୁ ନିର୍ମାଣ ଶ୍ରମିକମାନଙ୍କ ସନ୍ତାନ ସନ୍ତତି ପଢୁଥିବା ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କ ମୁଖ୍ୟ ମାନଙ୍କୁ ଅନୁରୋଧ 'ଧରମା ଫାଉଣ୍ଡେସନ'ର ଉପରୋକ୍ତ କାର୍ଯ୍ୟକ୍ରମ ଗୁଡ଼ିକରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବେ ।





ଧରମା

ଭିତ୍ତିପତ୍ର

# ଧରମା ଫାଉଣ୍ଡେସନ

"ତୁମେ ଦେଖିଅଛ ଶିଳାରେ
ଚାରଚ ରମ୍ୟ କଳାର ରୂପ,
ମୁଁ ଦେଖୁଚି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୂପ ।"- ସଚି ରାଉତରାୟ

ନିର୍ମାଣ ଶିଳ୍ପ କ୍ଷେତ୍ର ଶ୍ରମ ଭିତ୍ତିକ ଓ ସାର୍ବଜନୀନ ଅଟେ, ଯାହାର ବିଭିନ୍ନ କାର୍ଯ୍ୟ ବହୁବର୍ଷ ଧରି ମାନବ ସଭ୍ୟତାର ଏକ ପ୍ରମୁଖ ଓ ଅବିଚ୍ଛେଦ୍ୟ ଅଂଗ ହୋଇ ରହିଛି । ଏହି ଶିଳ୍ପ କ୍ଷେତ୍ର ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସ୍ୱତନ୍ତ୍ର କ୍ଷମତା ରହିଛି । ଅଣକୁଶଳୀ, ଅର୍ଦ୍ଧ କୁଶଳୀ, ଭୂମିହୀନ ଗରିବ ଶ୍ରମିକ, ଦେଶାନ୍ତର ଗମନ କରୁଥିବା ଶ୍ରମିକ ଓ ଅସହାୟ ଲୋକଙ୍କୁ କାମ ଯୋଗାଇବାର ସାମର୍ଥ୍ୟ ଏହି କ୍ଷେତ୍ରର ରହିଛି । ପୃଥିବୀରେ ମାନବ ସମାଜ ବିକାଶର ଗୋଟିଏ ସୋପାନରୁ ଅନ୍ୟ ଗୋଟିଏ ସୋପାନ ପର୍ଯ୍ୟନ୍ତ ନିର୍ମାଣ ଶିଳ୍ପ କ୍ଷେତ୍ରର ଅବଦାନ ଅଭୂତପୂର୍ବ, ଅନିବାର୍ଯ୍ୟ ଅଟେ । ଶତାବ୍ଦି ଶତାବ୍ଦି ଧରି ଏହା ଆମ ଜନଜୀବନର ଏକ ମହତ୍ୱପୂର୍ଣ୍ଣ ଅଂଶ ଭାବରେ ଯୋଡ଼ି ହୋଇ ରହିଆସିଛି । ବିଶ୍ୱରେ ନିର୍ମାଣ ଶିଳ୍ପ କ୍ଷେତ୍ରରେ ୧୮୦ ମିଲିୟନ ଶ୍ରମିକଙ୍କ ମଧ୍ୟରୁ ୭୫ ଭାଗ କେବଳ ବିକାଶଶୀଳ ଦେଶର ଶ୍ରମିକ ଅଟନ୍ତି । ଆମ ଦେଶ ଭାରତରେ ୩ କୋଟିରୁ ଅଧିକ ଲୋକ ନିର୍ମାଣ ଶ୍ରମିକ ଭାବରେ କାମ କରନ୍ତି ଏବଂ ଓଡ଼ିଶାରେ ତିରିଶି ଲକ୍ଷରୁ ଅଧିକ ଲୋକ ଏହି କ୍ଷେତ୍ରରେ ରହିଥିବାର କୁହାଯାଉଛି । ପୃଥିବୀର ମୋଟ ଘରୋଇ ଉତ୍ପାଦନ(ଜିଡ଼ିପି)କୁ ଏହି କ୍ଷେତ୍ରର ଅବଦାନ ୧୦ ଭାଗରୁ ଅଧିକ ।

ସ୍ୱାଧୀନତା ପ୍ରାପ୍ତିରୁ ଆଜି ପର୍ଯ୍ୟନ୍ତ ଆମ ଦେଶର ମୋଟ୍ ପୁଞ୍ଜିର ଶତକଡ଼ା ୪୦ ଭାଗ ଅର୍ଥ ନିର୍ମାଣ ଶିଳ୍ପ କ୍ଷେତ୍ରର ବିକାଶ ନିମନ୍ତେ ବିନିଯୋଗ ହୋଇ ଆସୁଛି । କୁହାଯାଏ ଦେଶର କୃଷି କ୍ଷେତ୍ର ପରେ ଏହା ହେଉଛି ଦ୍ୱିତୀୟ ବୃହତ ଶିଳ୍ପ କ୍ଷେତ୍ର; ଯେଉଁଠି ଦୈନିକ ୩୩ ହଜାର ମିଲିୟନରୁ ଅଧିକ ଲୋକ ଏହା ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରିଥାଆନ୍ତି । ଏହି କ୍ଷେତ୍ରର ମୋଟ ଶ୍ରମିକଙ୍କ ମଧ୍ୟରୁ ୩୦ ଭାଗ ମହିଳା ଓ ଶିଶୁ ଶ୍ରମିକ ଭାବରେ କାମ କରିଥାଆନ୍ତି । ଏକ ହିସାବରୁ ଜାଣିବାକୁ ମିଳିଛି ଭାରତରେ କାର୍ଯ୍ୟରତ ଜନସଂଖ୍ୟାର ୧୬ ଭାଗ ଲୋକ ନିର୍ମାଣ ଶିଳ୍ପକ୍ଷେତ୍ରରୁ ନିଜର ଜୀବିକାନିର୍ବାହ କରିଥାନ୍ତି । ଆମ ଦେଶ ଭାରତର ମୋଟ ଘରୋଇ ଉତ୍ପାଦାନ (ଜି.ଡି.ପି) କୁ ଏହି ଶିଳ୍ପକ୍ଷେତ୍ରର ଅବଦାନ ୬ ଭାଗ ରହିଥିବା ବେଳେ ଘରୋଇ ପୁଞ୍ଜି ଗଠନରେ ଏହାର ଅଂଶ ୭୮ ଭାଗରୁ ଅଧିକ । ମାତ୍ର, ସ୍ୱାଧିନତାର ୭୦ ବର୍ଷ ପରେ ମଧ ଏହି ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମୋଟ ବାର୍ଷିକ ବଜେଟର ଏକ ଭାଗ ଅର୍ଥ ବ୍ୟୟ ବରାଦ ଅଦ୍ୟାବଧି ହୋଇପାରି ନାହିଁ । ଏଥିରୁ ସ୍ପଷ୍ଟ ବୁଝା ପଡୁଛି ଯେ, ଏହି ଶ୍ରମିକମାନଙ୍କ ପ୍ରତି ଛଳନା ଓ ପ୍ରତାରଣା କ୍ରମାଗତ ଭାବରେ କରାଯାଇଛି । ଯାହା ଫଳରେ ଦୀର୍ଘ ବର୍ଷ ପରେ ମଧ ଏହି ଅଣସଂଗଠିତ କ୍ଷେତ୍ର ଶ୍ରମିକମାନଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାର ଆଖିଦୃଷିଆ ପରିବର୍ତ୍ତନ ହୋଇପାରି ନାହିଁ ।

ନିର୍ମାଣ ଶ୍ରମିକମାନେ ଏକ ବିଶେଷ ଧରଣର କାର୍ଯ୍ୟକରନ୍ତି ଯାହାକି ଖାଜିରଙ୍ଗାର ଚିତ୍ତାକର୍ଷକ ଦୃଶ୍ୟ, ମିଶରର କଳ୍ପନାମୟ ପିରାମିଡ଼, ଏଥେନ୍ସର ମାର୍ବଲ ଖଚିତ କାରୁକାର୍ଯ୍ୟ ଏବଂ କୋଣାର୍କରୁ ... ତାଜମହଲ ପର୍ଯ୍ୟନ୍ତ ଲମ୍ବିଛି ବୃଥିବୀବ୍ୟାପୀ ସେମାନଙ୍କ ସୂକ୍ଷ୍ମ ଚାରୁକଳା । ପୃଥିବୀର ସମସ୍ତ କଳା-ଭାସ୍କର୍ଯ୍ୟ ବୃଦ୍ଧିରେ ଏହି ମେହନତି ମଣିଷର ଲହୁଲୁହ ନିହିତ । ସେମାନେ ନିଜ ପରିବାରର ପିଲାଛୁଆଙ୍କୁ ପଛକରି ଓ ନିଜର ସୁଖଶାନ୍ତି ଛାଡ଼ି ପୃଥିବୀର କାରୁକାର୍ଯ୍ୟ ମାନଚିତ୍ରକୁ ସମୃଦ୍ଧ ଓ ସୁନ୍ଦର କରିବା ପାଇଁ ହାତରେ ନିଆଁଣ ଓ ହାତୁଡ଼ିରେ ଆଙ୍କିଚାଲିଛନ୍ତି କେତେ କ'ଣ କଳାଚାତୁରୀ ଓ ନିପୁଣତା ।

ଯେଉଁମାନେ ନିର୍ମାଣ ଶ୍ରମିକ ବାସ୍ତବରେ ସେମାନେ ଆଧୁନିକ ଭାରତର ନିର୍ମାତା, ସେମାନଙ୍କ ଦ୍ୱାରା ରାସ୍ତା, ନଦୀବନ୍ଧ, ଜାତୀୟ ରାଜପଥ, ରେଳଲାଇନ, ଏୟାର ପୋର୍ଟ, ପୋର୍ଟ, ଯାହା ସାଗର ଓ ଉପ- ମହାସାଗର ସହ ଲୋକଙ୍କୁ ଯୋଡ଼ିବା ସମ୍ଭବ ହୋଇ ପାରିଛି । ଅତଏବ, ସମସ୍ତ ଦୂରତା ଓ ବିଭିନ୍ନତା ସତ୍ତ୍ୱେ ଗୋଟିଏ ଦେଶ ଭାବରେ ଦେଶର ଅର୍ଥନୀତିକ ପ୍ରଗତିରେ ନିର୍ମାଣ କ୍ଷେତ୍ରର ଶ୍ରମିକମାନେ ଏକ ପ୍ରମୁଖ ଭୂମିକା ଲିଭାଇବା ସହ ଦେଶର ସାମଗ୍ରୀପତ୍ର ଗଠନରେ ସେମାନଙ୍କର ଭୂମିକା ସ୍ୱତନ୍ତ୍ର ଓ ଅନନ୍ୟ ।

ଦେଶର ଜଗତୀକରଣ, ଉଦାରିକରଣ ଓ ଘରୋଇକରଣ ପରେ ସେହି ଯେଉଁମାନେ ଆଇ.ଟି. ସେଣ୍ଟର, ମେଗା ମଲ୍, କଲ୍ ସେଣ୍ଟର ଓ ନୂତନ ଅର୍ଥନୈତିକ ଯୋନ୍ ତିଆରି କରି ଆଧୁନିକ ଭାରତ ଗଠନରେ ପ୍ରମୁଖ ଭୂମିକା ନେଇପାରିଛନ୍ତି । ଶ୍ରମିକ ଶ୍ରେଣୀର ଏହି ସମସ୍ତ ଅବଦାନ ସତ୍ତ୍ୱେ ଆଜି ମଧ ଝୁମ୍ପୁଡ଼ିରେ ଅତି ଅସ୍ୱାସ୍ଥ୍ୟକର ପରିବେଶ ଓ ବିନା ସାମାଜିକ ନିରାପତ୍ତାରେ ଜୀବନ ଯାପନ କରୁଛନ୍ତି । ନିର୍ମାଣ କ୍ଷେତ୍ରର ଶ୍ରମିକ ଓ ମାଲିକ ମଧରେ ସଂପର୍କ ଯେପରି ଅଦୃଶ୍ୟ ଓ ସେପରି ଅସ୍ଥାୟୀ; ଖୁବ୍ କମ୍ ସମୟ ବ୍ୟବଧାନ ମଧରେ ଶ୍ରମିକର କାମ ବଦଳିବା ସହ ମାଲିକ ମଧ ବଦଳିଯାଇଥାଏ । ସେମାନଙ୍କ ପିଲାମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧାରୁ କ୍ରମାଗତ ଭାବରେ ବଂଚିତ ସେହି ପିଲାମାନଙ୍କୁ ଫେରାଇଆଣି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯିବାର ଆବଶ୍ୟକତା ରହିଛି । ଏହି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପ୍ରଚଣ୍ଡ ପ୍ରତିଭା ରହିଛି, ମାତ୍ର ଅଧାରୁ ପାଠଛାଡି ଚାଲିଯିବା ଫଳରେ ସେମାନଙ୍କ ମଧ୍ୟରେ ଥିବା ସୃଜନାତ୍ମକତା ଧ୍ୱଂସ ହୋଇଯାଉଛି । ଆମ ଶିକ୍ଷା ବ୍ୟବସ୍ଥାରେ ସେହି ପିଲାଙ୍କ ପାଠ ପଢ଼ା ନିମନ୍ତେ ସେପରି କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଦ୍ୟାବଧି ଦେଶରେ ତିଆରି ହୋଇ ପାରି ନାହିଁ, ଯାହା ଏହି କ୍ଷେତ୍ରର ଶ୍ରମିକ ପିଲାମାନଙ୍କ ଅବସ୍ଥାର ପରିବର୍ତ୍ତନ ଆଣି ପାରିବ । ନିର୍ମାଣ ଶ୍ରମିକ ପରିଚାଳିତ ପ୍ରକ୍ରିୟାହିଁ ଠିଆ କରିଛି ଧରମା ମଂଚ / ଫାଉଣ୍ଡେସନ, ଆଉ ତନ୍ମଧ୍ୟରେ ସେହି ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସଂପର୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନେବାପାଇଁ ଆହ୍ୱାନ କରୁଛି ।

ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ଆଲୋଚନା ଚକ୍ର ଆୟୋଜନ କରାଯାଇ ଶ୍ରମିକ ପିଲାମାନଙ୍କୁ ଧରମା ଫାଉଣ୍ଡେସନର ସଭ୍ୟଭୂକ୍ତ କରାଯାଉଛି । ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଯିବା ସହ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଦ୍ୱାରା ଦିଆଯାଉଥିବା ଶିକ୍ଷାବୃତ୍ତି ହାସଲ କରିବା ପାଇଁ ଛାତ୍ର ଛାତ୍ରୀମାନେ ନିଜର ପିତା ମାତାଙ୍କ ପରିଚୟପତ୍ର କରାଇବାରେ ସହାୟକ ହୁଅନ୍ତୁ । ରାଜ୍ୟରେ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ କରୁଛୁ ।

# ଧରମା

## ଧରମା ଫାଉଣ୍ଡେସନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

**(ଦେଶର କର୍ପୋରେଟ୍, ଶିକ୍ଷ ଦୁନିଆ ଓ ଆସବାବପତ୍ର ତିଆରିରେ ନିର୍ମାଣ ଶ୍ରମିକ ମାନଙ୍କ ଭୂମିକା ସ୍ୱତନ୍ତ୍ର ଓ ଅନନ୍ୟ, ତେଣୁ ଏହି କ୍ଷେତ୍ରରେ ନିୟୋଜିତ ଶ୍ରମିକ ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟଭଳି ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ କର୍ପୋରେଟ ଓ ଶିକ୍ଷକ୍ଷେତ୍ର ସ୍ୱତନ୍ତ୍ର ପଦେକ୍ଷପ ଗ୍ରହଣ କରିବା ପାଇଁ ଧରମା ଫାଉଣ୍ଡେସନ ଆହ୍ୱାନ କରୁଛି)**

୧. ଅଧାରୁ ପାଠ ଛାଡୁଥିବା ନିର୍ମାଣ ଶ୍ରମିକ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଠାବ କରି ସେମାନଙ୍କ ମଧ୍ୟରେ ଥିବା କଳାକୃତି, ସାମର୍ଥ୍ୟ ଓ ସୃଜନାତ୍ମକତାର ବିକାଶ ଘଟାଇବା ସହ ଶିଶୁଙ୍କୁ ପୁଣି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା;

୨. ଅଧାରୁ ପାଠ ଛାଡି ଓ କାମରେ ନିୟୋଜିତ ହେଉଥିବା ନିର୍ମାଣ କ୍ଷେତ୍ରର ସମସ୍ତ ଶିଶୁମାନଙ୍କୁ ଚିହ୍ନଟ କରି କେଉଁ ପ୍ରକାର କାର୍ଯ୍ୟରେ ସେମାନଙ୍କର ଆଗ୍ରହ ରହିଛି ତାହା ନିର୍ଣ୍ଣୟକରି ତଦନୁ ରୂପ କାର୍ଯ୍ୟରେ ତାଙ୍କୁ ଯୋଡ଼ିବା ଓ ଗଢ଼ିବା ପାଇଁ ପ୍ରୟାସ କରିବା;

୩. କୋଠା ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ଚିତ୍ରକଳା, ନାଚ, ଗୀତ ଓ କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ସେମାନଙ୍କ ମନୋବଳ ଓ ଉତ୍ସାହ ବୃଦ୍ଧି କରିବା ସହ ସେମାନଙ୍କ ସୃଜନାତ୍ମକ ଓ କଳାତ୍ମକ ଶିକ୍ଷା ନିମନ୍ତେ ପ୍ରୋତ୍ସାହନ ଦେବା;

୪. ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ କଳାକୃତି ଓ ସୃଜନାତ୍ମକତାର ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ "ଶ୍ରମିକ ବିଦ୍ୟାପୀଠ" ସ୍ଥାପନ କରିବା ଏବଂ ସେହି ବିଦ୍ୟାଳୟରେ ଶିକ୍ଷାଲାଭ ସହ ଚିତ୍ର କଳା, ନୃତ୍ୟ, ରଚନା ଲେଖା, ଶିଶୁ ସାମ୍ବାଦିକତା ଓ ବକ୍ତୃତା ପ୍ରତିଯୋଗିତା ଇତ୍ୟାଦିରେ ଶିକ୍ଷାପ୍ରଦାନ କରିବା;

୫. ନିର୍ମାଣ କ୍ଷେତ୍ରରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପ୍ରଦତ୍ତ ଶିକ୍ଷା ବୃତ୍ତି ସଂପର୍କରେ ଅବଗତ କରାଇବା ସହ ଏହାକୁ ସୁନିଶ୍ଚିତ କରିବା;


୬. କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ୍- ୧୯୯୬ କୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିବା;

୭. ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଆଲୋଚନା ସଭା ଆୟୋଜନ କରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଶିକ୍ଷାବୃତ୍ତି ସହାୟତା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଶିକ୍ଷା ବୃତ୍ତି ପରିମାଣ ଅର୍ଥ ବୃଦ୍ଧି କରିବା ପାଇଁ ପ୍ରୟାସ କରିବା;

୮. ଶିକ୍ଷାଲାଭ କରିବାର ଅଧିକାର, ବିକାଶର ଅଧିକାର, ଅଂଶଗ୍ରହଣର ଅଧିକାର, ଖେଳକୁଦ କରିବାର ଅଧିକାର ଓ ପ୍ରତିଭା ବିକାଶର ଅଧିକାର ସଂପର୍କରେ ଅବଗତ କରାଇବା;

### କାର୍ଯ୍ୟକ୍ରମ

- କୋଠା ଓ ନିର୍ମାଣ ଶ୍ରମିକ ପିଲାମାନଙ୍କ ନିମନ୍ତେ ଗଠିତ ସ୍ୱତନ୍ତ୍ର ମଞ୍ଚ "ଧରମା" ମାଧ୍ୟମରେ ଶିଶୁ ମହୋତ୍ସବ (Childrens Festival) ଆୟୋଜନ କରି ଶିଶୁମାନଙ୍କ ଠାରୁ ହଜିଯାଉଥିବା କଳାକୃତି ଓ ପ୍ରତିଭାକୁ ପ୍ରଦର୍ଶିତ କରି ସେମାନଙ୍କ ପିତାମାତାଙ୍କ ମନରେ ପିଲାଙ୍କ ଶିକ୍ଷାରେ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିବା ।
- ଏହି ଶ୍ରମିକମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଶିକ୍ଷାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ବୃହତ ଅଟ୍ଟାଳିକା, ମନ୍ଦିର, ମସଜିଦ୍, ଗୀର୍ଜା, କୋର୍ଟ, କଚେରୀ, କୋଣାର୍କ ଓ ତାଜମହଲ ସହ ଶ୍ରମିକ ପିଲାଙ୍କୁ ପରିଚିତ କରାଇବା । ଏହି ସବୁ ସ୍ଥାପତ୍ୟ ଗଠନରେ ସେମାନଙ୍କ ପିତାମାତାଙ୍କ ଅବଦାନ ସମ୍ପର୍କରେ ସେମାନଙ୍କ ପିଲାମାନଙ୍କୁ ଅବଗତ କରାଇବା ।
- ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳିରେ ନିରାପଦ ପରିବେଶ ଓ ନିରାପତ୍ତାର ପ୍ରତିଷ୍ଠା ନିମନ୍ତେ କମ୍ପାନୀ, ସରକାର ଏବଂ ଶ୍ରମିକ ସଂଗଠନର ଏକ ମିଳିତ ବିନ୍ଦୁ ତଥା ତ୍ରୈପାକ୍ଷିକ ଆଲୋଚନାକୁ ଆଗେଇ ନେବ ସହ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ଓ ନିଯୁକ୍ତି ନିରାପତ୍ତାକୁ ତ୍ୱରାନ୍ୱିତ କରିବା ।
- କୋଠା ଓ ନିର୍ମାଣ ଶ୍ରମିକ ପିଲାଙ୍କ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟରେ ବିଭିନ୍ନ କୋନରେ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ, ବୈଷୟିକ ବିଦ୍ୟାଳୟ ଓ ଡ଼ାକ୍ତରୀ ଶିକ୍ଷା ପ୍ରତିଷ୍ଠା କରିବା ପାଇଁ କଲ୍ୟାଣ ବୋର୍ଡ଼ ଉପରେ ଚାପ ପ୍ରୟୋଗ କରିବା ।
- ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ କରିବା ସହ ଶିଶୁ ଶ୍ରମିକ ପ୍ରଥା, ବୃତ୍ତିଗତ ରୋଗ, କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣା, ଯୌନ ଶୋଷଣ, ବୈଷମତା ଓ କାମରେ ପ୍ରଭେଦ ଆଦି ବିଷୟରେ ଅବଗତ କରାଇବା ।




# ଏ ଅଭିଯାନ କାହିଁକି

## (ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାରୁ ନିର୍ମାଣ କ୍ଷେତ୍ରର ପିଲାଙ୍କ ଅଧିକାର ପ୍ରକ୍ରିୟା ପର୍ଯ୍ୟନ୍ତ)

ହୀରାକୁଦ ନଦୀବନ୍ଧ ଦ୍ୱାରା ବାସଚ୍ୟୁତ ହୋଇ ପଟ୍ଟା ଓ କ୍ଷତିପୂରଣ ପାଇନଥିବା ଲୋକଙ୍କୁ ସଂଗଠିତ କରିବା ଅବସରରେ ବିଡ଼ି ଓ ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସଂପର୍କରେ ଅବଗତ ହେବାସହ ସେମାନଙ୍କୁ ସଂଗଠିତ କରିବା ପାଇଁ ପ୍ରୟାସ ଆରମ୍ଭ କଲୁ । ଝାରସୁଗୁଡ଼ା ଜିଲ୍ଲା ଅମଲିପାଲି ଗ୍ରାମରୁ ପ୍ରଗତିଶୀଳ ଶ୍ରମିକ ମଞ୍ଚର କାର୍ଯ୍ୟ ଆରମ୍ଭ ହୁଏ । କ୍ରମେ ଜିଲ୍ଲାର ଅନ୍ୟ ସବୁ ବ୍ଲକକୁ ସଂଗଠନ କାର୍ଯ୍ୟ ପ୍ରସାରିତ ହୁଏ । ଶ୍ରମିକମାନଙ୍କ ହକ୍ ପ୍ରାପ୍ୟ, ଉଚିତ୍ ମଜୁରି ପ୍ରଦାନ, ଠିକାଦାରମାନଙ୍କ ମନମାନି ଓ ଶୋଷଣକୁ ରୋକିବା ଏବଂ କାର୍ଯ୍ୟସ୍ଥଳିରେ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଲକ୍ଷରେ ଉଦ୍ୟମ ଆରମ୍ଭ କଲୁ । ଅମଲିପାଲି ଗ୍ରାମରେ ନିର୍ମାଣ ଶ୍ରମିକଙ୍କୁ ନେଇ ଯେଉଁ ପ୍ରଥମ ବୈଠକ କଲୁ ସେଠାରେ ପ୍ରଥମଥର ୧୦୪ ଜଣ ସଂଘର ପ୍ରାଥମିକ ସଦସ୍ୟତା ଗ୍ରହଣ କଲେ । ଯାହା ଆମର ଆଗ୍ରହ ଓ ଉତ୍ସାହ ବଢ଼ାଇବାରେ ସହାୟକ ହେଲା । ଗୋଟିଏ ପରେ ଆଉ ଗୋଟିଏ ଗ୍ରାମରେ ଶାଖା କମିଟି ଗଢ଼ି ଚାଲିଲୁ । ସଂଘର ସଭ୍ୟ ସଭ୍ୟା ସଂଖ୍ୟା ଧିରେ ଧିରେ ବୃଦ୍ଧି ହେଲା । ଶାଖା ମାନଙ୍କର ପରିଚାଳନା ନିମନ୍ତେ କର୍ମକର୍ତ୍ତା ଚୟନ କରାଯାଇ ଶାଖାର ଦାୟିତ୍ୱ ନ୍ୟସ୍ତ କରାଗଲା । ନିର୍ମାଣ ଶ୍ରମିକ ଆଇନ୍ ୧୯୯୬ ମସିହାରେ ପ୍ରଣୟନ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁନଥିଲେ । ଶ୍ରମିକମାନେ ସଂଗଠିତ ହୋଇ ନପାରିବାରୁ ଓ ନୀରବ ରହିବା କାରଣରୁ ଆଇନ୍ କାର୍ଯ୍ୟକାରୀ ହୋଇପାରୁ ନଥିଲା । ଅନ୍ୟ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇ ଲୋକେ ଏଥିରୁ ସୁବିଧା ହାସଲ କଲେଣି । ଶ୍ରମିକ ସଂଘ ସଂପର୍କରେ ପୂର୍ବରୁ କେବେ ଶୁଣିନଥିବା ମଣିଷଙ୍କ ପାଇଁ ଏହା ଲଙ୍କାର ହରି ଶବ୍ଦ ପରି ଥିଲା । ଶ୍ରମିକମାନଙ୍କ ସହ ବୈଠକ ପରେ ବୈଠକ ବସିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହେଲା । ଧିରେ ଧିରେ ଲୋକେ ବୁଝି ସଂଗଠିତ ହେବାକୁ ଲାଗିଲେ ।

ସଦର ବ୍ଲକରେ କୋଡ଼ିଏ ଗୋଟି ଶାଖାର ସଭାପତି ଓ ସଂପାଦକମାନଙ୍କୁ ନେଇ ଏକ ବୈଠକ ବସିଲା । ଶ୍ରମିକମାନେ ନିଜ ନିଜର ସମସ୍ୟା ସଂପର୍କରେ କହିଲେ । କାର୍ଯ୍ୟସ୍ଥଳିରେ ନିଜେ ସାମ୍ନା କରୁଥିବା ସମସ୍ୟା ଉପସ୍ଥାପନ କଲେ । ମାତ୍ର ଯେଉଁ ସବୁ ସମସ୍ୟା ସେମାନେ ଉପସ୍ଥାପନ କଲେ ତାହା ଦର୍ଶାଉଥିଲା ରାଜ୍ୟରେ ସରକାର ବୋଲି କିଛି ନାହିଁ । ପରେ ଶାଖାର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଗଲା । ଶ୍ରମିକମାନଙ୍କର ଏହି ଅସୁମାରୀ ସମସ୍ୟା ସମାଧାନ କରିବାକୁ ହେଲେ ଶ୍ରମିକ ଶ୍ରେଣୀର ସରକାର ଗଠନ ହେବା ଦରକାର । ଯେତେସବୁ ସରକାର ଅତୀତରେ କ୍ଷମତାକୁ ଆସିଛନ୍ତି ସେଥିରେ ଶ୍ରମିକ ଶ୍ରେଣୀର କିଛି ହୋଇ ନାହିଁ । ଏହି କ୍ଷେତ୍ରରେ ଶ୍ରମିକ ଶ୍ରେଣୀର ଚେତନା ଯାହା-ସେଥିରେ ପରିବର୍ତ୍ତନର ଆଶାର ଝଲକ୍ ଖୁବ କମ । ଯେଉଁ ସରକାର କ୍ଷମତାସୀନ ହୋଇଛି-ସେ ସରକାର ସେହି ଶ୍ରମିକ ଶ୍ରେଣୀର ସ୍ୱାର୍ଥରେ କାମ ନକରି କର୍ପୋରେଟ ହାଉସ ପାଇଁ କାମ କରୁଛି । ଶ୍ରମିକମାନେ ଏସବୁ କଥା ଜାଣି ମଧ୍ୟ ପୁଣି ସେହି ମାନଙ୍କୁ ଭୋଟ ଦେଉଛନ୍ତି । ମଦ,



ମାଂସ ଓ ଅର୍ଥରେ ଶ୍ରମିକ ଏଠି ନିଜର ଭୋଟ ବିକ୍ରି କରୁଛି । ନିଜ ଶ୍ରେଣୀ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛି । ତେବେ ପରିବର୍ତ୍ତନର ଯେଉଁମାନେ ବାସ୍ତବରେ ବାହକ ହେବା କଥା ସେମାନେ ଯଦି ଏପରି ବିଭକ୍ତ ହୋଇ ରୁହନ୍ତି ଏବଂ ମଦ, ମାଂସ ଓ ଅର୍ଥରେ ଭୋଟ ବିକ୍ରି କରନ୍ତି । ତେବେ ଅନ୍ୟ କାହା ପାଖରୁ କ'ଣ ଆଶା କରାଯିବ ।

ଶ୍ରମିକମାନେ ହିଁ ପ୍ରକ୍ରିୟାର ବାହକ ହେବେ ଏବଂ ସେହିମାନେ ଚାହିଁଲେ ନୂତନ ପରିବର୍ତ୍ତନ ଦେଶରେ ଆଣି ପାରିବେ । ଶ୍ରମିକମାନଙ୍କ ନେତୃତ୍ୱ ପରିଚାଳିତ ପ୍ରକ୍ରିୟା ପାଇଁ ଉଦ୍ୟମ ଆରମ୍ଭ କଲୁ । ଅଳ୍ପ କିଛି ଅର୍ଥରେ ଭୋଟ ବିକ୍ରି କରୁଥିବା ମଣିଷ, ବୋତଲେ ଅଧେ ମଦରେ ମାତାଲ ହୋଇ ଭୋଟ ଦେଉଥିବା ଲୋକ ମାଂସ ଲୋଭର ମନ ପରିବର୍ତ୍ତନ କରୁଥିବା ମଣିଷମାନଙ୍କୁ ନେଇ କିପରି ଓ କେଉଁଭଳି ସଂଗଠନ ହେବ ତାହା ବୁଝିହେଉ ନଥିଲା । ଯେଉଁ ସମ୍ବଲପୁର ଅଞ୍ଚଳରେ ପ୍ରଥମେ କାମ ଆରମ୍ଭ କଲୁ ଭାଷାର ବାଧକ ଥିଲା । ଆଜିବି ଏଠି ଅଣଓଡ଼ିଆ ଲୋକଙ୍କ ରାଜ ଚାଲିଛି । ବହୁ ଆଦିବାସୀ ଲୋକଙ୍କୁ ବର୍ଷ ବର୍ଷ ଧରି ଗୋଲାମ କରି ରଖିଛନ୍ତି । ଏ ସମସ୍ତ ପ୍ରତିକୂଳ ପରିବେଶକୁ ସାମ୍ନା କରିବାକୁ ହୋଇଛି । ପୋଲିସ ଘରପୋଡ଼ିର ଅଭିଯୋଗ ସଂଗଠନ ଉପରେ ଆଣି ମିଥ୍ୟା ମାମଲା ରୁଜୁ କରିଛି । ଠିକାଦାରମାନେ ଶ୍ରମିକମାନଙ୍କୁ ଉସୁକାଇ ସଂଗଠନକୁ ଭାଙ୍ଗିବା ପାଇଁ ଚେଷ୍ଟା କରିଛନ୍ତି । ରାଜନେତାମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି । ଗାଁ ଗୋଅନ୍ତିଆ କହୁଛି ଏହି ଲୋକଙ୍କର ସଂଗଠନ ପୁଣି କ'ଣ ଦରକାର । ସେ ସମସ୍ତ କଥା ଭୃକ୍ଷେପ ନକରି ମଞ୍ଚ ତାର କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳରେ ଜାରିରଖିଲା । ଶେଷରେ ୨୦୦୮ ମସିହାରେ ନିର୍ମାଣ ଶ୍ରମିକ ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ସରକାର ବାଧ୍ୟ ହେଲେ । ନିର୍ମାଣ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଗଠନ ହୋଇ ବୋର୍ଡ଼ରେ ୧୬ ଶହ କୋଟିରୁ ଅଧିକ ଅର୍ଥ ଗଚ୍ଛିତ ହୋଇଛି, ଏହା ଶ୍ରମିକ ଓ ସେମାନଙ୍କ ପିଲାଙ୍କ ଅର୍ଥ । ସରକାରଙ୍କ ଅର୍ଥ ନୁହେଁ । ସାମାଜିକ ନିରାପତ୍ତା ଶ୍ରମିକମାନଙ୍କୁ ମିଳିବା ପାଇଁ ରାସ୍ତା ଫିଟିଲା ।

ଏକ ବୃହତ୍ତ ବୃତ୍ତି ଭିତ୍ତିକ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ଆଶାର ଝଲକ ସୃଷ୍ଟି ହେଲା । ଆମ ବିଶ୍ୱାସ ଦୃଢ଼ ହେଲା । ସଂଗଠିତ ହୋଇ ଲଢ଼େଇ କଲେ ଦିନେ ନା ଦିନେ ଲୋକଙ୍କର ବିଜୟ ହୁଏ ତାହା ପ୍ରମାଣ ହେଲା । ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ସରକାର ଘୋଷଣା କଲେ । ଏଥର ପାଳି ଶ୍ରମିକମାନଙ୍କର । ପରିବାରର ଆର୍ଥିକ ଅବସ୍ଥାକୁ ଆଳକରି ଛୋଟ ପିଲାଙ୍କୁ କମ୍ ବୟସରୁ କାମରେ ନିୟୋଜିତ କରି ଆସୁଲେ । ମଞ୍ଚର ଏକ ବୈଠକରେ ଏ ସଂକ୍ରାନ୍ତରେ ପ୍ରସ୍ତାବ ଆସିବାରୁ ଏହା ସର୍ବସମ୍ମତିକ୍ରମେ ଗୃହିତ ହେଲା ।

ମଞ୍ଚର କାର୍ଡ଼ଧାରୀ ଶ୍ରମିକମାନେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ବିଦ୍ୟାଳୟକୁ ପଠାଇବେ । ଏହି ପ୍ରକ୍ରିୟାରେ କାମରେ ନିୟୋଜିତ ଥିବା ବେଶ କିଛି ପିଲା ବିଦ୍ୟାଳୟକୁ ଫେରିଯିବା ପାଇଁ ସୁଯୋଗ ମିଳିଲା । ଏହାର ତଦାରଖ ଶାଖା କମିଟି ମାନଙ୍କ ଉପରେ ନ୍ୟସ୍ତ କରାଗଲା । ଜିଲ୍ଲା ସ୍ତରରେ ଏକ ତଦାରଖ କମିଟି ମଧ୍ୟ ରହିଲା । ଗୋଟିଏ ବର୍ଷରେ ପାଖାପାଖି ୩୦୦ ପିଲା ବିଦ୍ୟାଳୟରେ ପୁନଃ ପ୍ରବେସ କଲେ । ଶ୍ରମିକମାନଙ୍କର ପିଲାଙ୍କୁ ଶିକ୍ଷା ଦେବା ପାଇଁ ଆଗ୍ରହକୁ ଉଜ୍ଜିବିତ ରଖିବା ପାଇଁ ଶିଶୁ ମହୋତ୍ସବର ପରିକଳ୍ପନା କରାଯାଇଥିଲା । ଅତୀତର ସେହି ପିଲାଙ୍କୁ ଫେରାଇ ଆଣିବାର ପରିକଳ୍ପନା ଆଜି ବାସ୍ତବ ରୂପ ନେଇପାରିଛି । ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାରୁ ଶିଶୁ ଅଧିକାର ପ୍ରକ୍ରିୟା ଆଡ଼କୁ ଅଗ୍ରସର ହେଲୁ ।

ସାଂଗଠାନିକ ସମ୍ମିଳନୀ ଆୟୋଜନ ଅବସରରେ ମଞ୍ଚର କାର୍ଡ଼ଧାରୀ ଶ୍ରମିକ ପିଲାଙ୍କ ପାଇଁ ସଂଧ୍ୟାରେ ନାଚ, ଗୀତ ଓ ଚିତ୍ରକଳାର ପ୍ରତିଯୋଗିତାର ଆୟୋଜନ କଲୁ । ଅଭୂତପୂର୍ବ ସଫଳତା ମିଳିଲା । ସାଂଗଠନିକ ସମ୍ମିଳନୀର ଶିଶୁ ମହୋତ୍ସବ କାର୍ଯ୍ୟକ୍ରମର ଏକ ଅଂଶ ହୋଇ ରହିଲା । ଶିଶୁମାନଙ୍କ ସହ ସେମାନଙ୍କ ପିତାମାତାଙ୍କ ଉପସ୍ଥିତିରେ ପିଲାମାନଙ୍କ ମଧ୍ୟରେ ଥିବା କଳା ଓ ସୃଜନାତ୍ମକତା ନିମନ୍ତେ ସୁଯୋଗ ଦେଇ ଦେଖାଗଲା ଏହି କ୍ଷେତ୍ରରେ ଶ୍ରମିକ ପିଲାମାନଙ୍କ ମଧ୍ୟରେ କଳା ଓ ପ୍ରତିଭା ଭରପୁର ହୋଇ ରହିଛି । ସେହି ସବୁ ପ୍ରତିଭାକୁ ଚିହ୍ନଟ କରିବା ସହ ସେମାନଙ୍କ ପିତାମାତାଙ୍କ ମନରେ ଇଚ୍ଛାଶକ୍ତି, ଉତ୍ସାହ ଓ ଶିକ୍ଷାର ଗୁରୁତ୍ୱ ସଂପର୍କରେ ଆଗ୍ରହ ସୃଷ୍ଟି କରିବା ଫଳରେ ପିଲାକୁ ଶ୍ରମିକମାନେ ବିଦ୍ୟାଳୟକୁ ପଠାଇବା ପାଇଁ ଆଗ୍ରହ ଦେଖାଇଲେ । ପିତାମାତାଙ୍କର ଭୁଲ ନିଷ୍ପତ୍ତି ପାଇଁ ପ୍ରତିଭାର ମୃତ୍ୟୁ ହେଉଥିବା କଥା ସ୍ୱୀକାର କଲେ । ଦେଶର ମାନବ ପୁଞ୍ଜି ଗଠନର ରାସ୍ତା ଖୋଲିବାରେ ଏହା ବଡ ସହାୟକ ହେଲା । ନିଜ ଅଞ୍ଚଳରେ କାମ ମିଳୁନଥିବା କଥା କହି ପିଲାଙ୍କୁ ଅନ୍ୟ ରାଜ୍ୟକୁ ନେଇ ସେଠାରେ ଅଧିକ ଅର୍ଥ ଖର୍ଚ୍ଚ କରି ପାଠପଢ଼ାଇନପାରି ତାକୁ ନିଜ କାମରେ ସାମିଲ କରିନେବା ଫଳରେ ପିଲାର ପାଠପଢ଼ା ବନ୍ଦ ହୋଇ ଯିବା ସହ ତାର ପ୍ରତିଭା ସବୁଦିନପାଇଁ ମାଟିରେ ମିଶିଯାଉଥିଲା ।


ଏହି ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାକୁ ଆଗକୁ ନେବାରେ ଯେଉଁ ମାନେ ଅଧିକ ସହଯୋଗର ହାତ ବଢ଼ାଇଛନ୍ତି ସେମାନଙ୍କ ମଧ୍ୟରେ ପ୍ରାକ୍ତନ କେନ୍ଦ୍ର ଶ୍ରମ ସଚିବ ଡ଼ଃ ଲକ୍ଷ୍ମୀଧର ମିଶ୍ର, ବିଶିଷ୍ଟ ଅର୍ଥନିତିଜ୍ଞ ଡ଼ଃ ଗୋଲକ ବିହାରୀ ନାଥ, ବିଶିଷ୍ଟ ଚିନ୍ତକ ଶ୍ରୀ ଗୋପୀନାଥ ବାରିକ ଏବଂ ବରିଷ୍ଠ ପ୍ରଶାସକ ଶ୍ରୀଯୁକ୍ତ ଅଶୋକ ଦଲଓ୍ୱାଇ । ଏହି ମାନଙ୍କ ବିନା ସହଯୋଗରେ ଏହି ପ୍ରକ୍ରିୟା ଆଗକୁ ବଢ଼ିବା ସମ୍ଭବ ହୋଇନଥାନ୍ତା । ଶ୍ରମିକମାନଙ୍କ ନିମନ୍ତେ ଗଠିତ ବୋର୍ଡ଼ରେ ଅର୍ଥ ଗଚ୍ଛିତ ରହିଛି ମାତ୍ର ଶ୍ରମିକମାନଙ୍କୁ ଠିକ୍ ସମୟରେ ସହାୟତା ମିଳୁନାହିଁ । ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାବୃତ୍ତିର ବ୍ୟବସ୍ଥା ଅଛି, ମାତ୍ର ଛାତ୍ରଛାତ୍ରୀମାନେ ଠିକ୍ ସମୟରେ ପାଇପାରୁନାହାନ୍ତି । ଫଳରେ ପିଲାମାନଙ୍କର ଉଚ୍ଚ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଏହି କ୍ଷେତ୍ରର +୨, +୩ ଏବଂ ସ୍ନାତକ ପିଲାଙ୍କୁ ଏ ସଂପର୍କରେ ଅବଗତ କରାଇବାପାଇଁ ଯୋଜନା କଲୁ । ନିର୍ମାଣ ଶ୍ରମିକ ପିଲାମାନଙ୍କୁ ଏ ସଂପର୍କରେ ଅବଗତ କରାଇବା ସଂଗେ କଲ୍ୟାଣ ବୋର୍ଡ଼ରେ ଶିକ୍ଷାସହାୟତା ଅର୍ଥ ଠିକ୍ ସମୟରେ ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ବାଧ୍ୟ କରିବା ପାଇଁ ଛାତ୍ରମାନଙ୍କର ସମାରୋହ ଆୟୋଜନ କରାଯାଇଛି ।

ଏହି ସ୍ୱତନ୍ତ୍ର ମଞ୍ଚ ନିର୍ମାଣ କ୍ଷେତ୍ରର ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଆବିଷ୍କାର କରି ସେହି ପିଲାମାନଙ୍କ ବିକାଶ ପାଇଁ ପ୍ରୟାସ କରିବା ଫଳରେ ବହୁ ପିଲା ସେମାନଙ୍କ ପ୍ରତିଭା ଫେରିପାଇବା ସହ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରିଆସିଲେ । ମଞ୍ଚର ଗ୍ରାମ ଓ ବସ୍ତିରେ ଗଠନ କରାଯାଇଥିବା ଶାଖା କମିଟି ମାନଙ୍କୁ ଉତ୍ତର ଦାୟୀ କରାଗଲା । ଶାଖା କମିଟିର ସଭାପତି ଓ ସଂପାଦକ ମାନେ ପ୍ରତିଭାବାନ ପିଲାମାନଙ୍କ ନାମ ସୁପାରିସ କରିବା ସହ ଏହି ପିଲାମାନଙ୍କୁ ଶିଶୁ ମହୋତ୍ସବରେ ସାମିଲ କଲେ । ପିଲାର ପିତାମାତା ଜାଣିଲେ- ଏହା ମୋ ପିଲାର ବିକାସ ପାଇଁ ମଞ୍ଚ । ଶ୍ରମିକର ପିଲା ଜାଣିଲା ମୋ ବାପା ମାଆଙ୍କ ସାମାଜିକ ନିରାପତ୍ତା ପାଇଁ ଏହି ମଞ୍ଚ । ପିଲାଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ହେବାପରେ ବିଦ୍ୟାଳୟ ଛାଡ଼ି ଚାଲିଯାଉଥିବା ପିଲା ନିଜେ ଆଗ୍ରହ ପ୍ରକାଶ କରୁଛି । ପିତାମାତା ଖୁସି ହେଉଛନ୍ତି ଯେ ତା ପିଲାର ଏଠି ଭବିଷ୍ୟତ ନିର୍ମାଣ ହେବାର ସମ୍ଭାବନା ରହିଛି ।

ଏହି ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟା ଅନେକ କଥା ସୂଚାଉଛି । ଶ୍ରମିକର ସାମାଜିକ ସୁରକ୍ଷା, ନିଯୁକ୍ତିର ନିରାପତ୍ତା, କାର୍ଯ୍ୟସ୍ଥଳିର ସୁରକ୍ଷା, ଶୋଷଣରୁ ମୁକ୍ତି, ସଂଘବଦ୍ଧତା, ସମାନ କାମକୁ ସମାନ ମଜୁରି ପ୍ରଦାନ, ବୈଷମ୍ୟ, ସଂଘ ବଦ୍ଧ ଜୀବନ, ନିଜର ହକ୍ ଓ ଅଧିକାର, ଭବିଷ୍ୟତ ମାନବ ପୁଞ୍ଜିଗଠନ, ଉତ୍ତରଦାୟିତ୍ୱ, ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସଂପର୍କରେ ଅବଗତ, କାର୍ଯ୍ୟସ୍ଥଳିରେ ଯୌନ ଶୋଷଣ ବନ୍ଦ କରିବା, ସଂଘଭୁକ୍ତ ହେବାର ଆବଶ୍ୟକତା, ସମାଜପ୍ରତି ଶ୍ରମିକର କର୍ତ୍ତବ୍ୟ , ମଜୁରିର ତାରତମ୍ୟ ଓ ସର୍ବପରି ସମାଜ ଗଠନରେ ନିଜର ଭୂମିକା । ଏହି ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟା "ଧରମା ଫାଉଣ୍ଡେସନର"ର ଜନ୍ମଦାତା । ତାକୁ ଗଢ଼ିବା, ବଢ଼ିବା ଦାୟିତ୍ୱ ସବୁ ଶ୍ରମଜୀବୀ ମଣିଷଙ୍କର । ବିଶେଷ କରି ନିର୍ମାଣ କ୍ଷେତ୍ରର ଶିଳ୍ପୀକୂଳର ଦାୟିତ୍ୱ ଅଧିକ ।

ଅଣସଂଗଠିତ କ୍ଷେତ୍ର ଶ୍ରମିକ ମାନଙ୍କର ସାମାଜିକ ନିରାପତ୍ତା, ବିଶୁଦ୍ଧ ପାନୀୟ ଜଳ, ସୁରକ୍ଷିତ କାର୍ଯ୍ୟସ୍ଥଳୀ, ଉଚିତ୍ ପ୍ରାପ୍ୟ ଆଦି ମୁଳଭିତ୍ତି ଉପରେ ଏକ ସ୍ୱଚ୍ଛ ଜୀବନ ଶୈଳି ଜୀଇଁବା ଏହାର ମୂଳ ଦର୍ଶନ । ଏହାକୁ ପାଇବା ପାଇଁ ମଞ୍ଚର ଯାତ୍ରା । ଅଣସଂଗଠିତ କ୍ଷେତ୍ରର ସବୁ ଶ୍ରମିକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମର ରଣକୌଶଳ କାର୍ଯ୍ୟ ଖସଡ଼ା ଓ ଯାତ୍ରା ।

ଆମର ଏହି ଯାତ୍ରା ପଥରେ ଅନେକ ତିକ୍ତ, ମଧୁର ଓ ଦୀର୍ଘ ଅନୁଭୂତି ରହିଛି । ପୁଣି ଅନେକ ଆଶା ନିରାଶାର ପ୍ରତିଛବି । ଅନେକ ବନ୍ଧୁ, ସାଥୀ, ଶୁଭେଚ୍ଛୁ ଓ ମଞ୍ଚର ସଭ୍ୟ/ସଭ୍ୟା ଏହି ପ୍ରକ୍ରିୟା ମଧ୍ୟରେ ସାମିଲ ହୋଇ ନିଜର ସମର୍ଥନ ଦେଇଛନ୍ତି । ମନବଳ ଦୃଢ଼ ହୋଇଛି । ଆମ ଚିନ୍ତା, ଚେତନା ଓ ବିଚାରର ସ୍ୱଚ୍ଛତା ଆସିଛି । ମନେ ହେଉଛି, ଏହି ଅଧିବାସ ଆରମ୍ଭ ମାତ୍ର । ଶ୍ରମିକମାନେ ଦୈନନ୍ଦିନ ସାମ୍ନା କରୁଥିବା ସମସ୍ୟାର ବିବରଣୀ, ଧରମା ମଞ୍ଚ ହେଉଛି ପ୍ରଗତିଶୀଳ ଆନ୍ଦୋଳନର ପ୍ରତିଶ୍ରୁତି ବଦ୍ଧତା, ଅଙ୍ଗିକାରତା ଓ ସତ୍ୟନିଷ୍ଠ ଉଦ୍ୟମର ନିଛକ ପ୍ରତିଛବି । ଏହି ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଜାରି ରହିବ ।



# ଧରମା

**ନିର୍ମାଣ ଶ୍ରମିକ ପିଲାଙ୍କ ନିମନ୍ତେ ଶିକ୍ଷାବୃତ୍ତି ସଂପର୍କରେ ଧରମା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଫାଉଣ୍ଡେସନର ସଦସ୍ୟ ସଦସ୍ୟା କରାଯାଇଥିଲା । ଆଲୋଚନା ସଭାରେ ଉପସ୍ଥିତ ଅତିଥି, ସଭ୍ୟ/ସଭ୍ୟା ହୋଇଥିବା ସବିଶେଷ ତଥ୍ୟ ପ୍ରଦାନ କରାଗଲା ।**

<u>ଡ୍ରିଗ୍ରୀ ମହାବିଦ୍ୟାଳୟ</u>

| କ୍ର.ନଂ | ମହାବିଦ୍ୟାଳୟର ନାମ | ତାରିଖ | ସଭ୍ୟ/ସଭ୍ୟା ସଂଖ୍ୟା | ଅଧକ୍ଷ, ଅଧାପକ, ଅଧ୍ୟାପିକା ଓ ଅତିଥି |
|---|---|---|---|---|
| ୧ | ବେଲପାହାଡ଼ ଡ୍ରିଗ୍ରୀ ମହାବିଦ୍ୟାଳୟ | ୩.୧୦.୧୬ | ୪୨ | ଶ୍ରୀଯୁକ୍ତ ଆଶିଷ ଦାସ, ଅଧକ୍ଷ, ଶ୍ରୀଯୁକ୍ତ ସୁଦରଶନ ଛୋଟରାୟ, ବରିଷ୍ଠ ସମ୍ବାଦିକ, ରାଧାରମଣ ଦଳାଇ, ଅଧାପକ, ରକ୍ଷାକର ଅନୁପମ, ଜେ କେ ମହାପାତ୍ର |
| ୨ | ପଞ୍ଚାୟତ ସମିତି ଡ୍ରିଗ୍ରୀ ମହାବିଦ୍ୟାଳୟ, ଲଇକେରା | ୨୩.୦୯.୧୬ | ୮୮ | ଶ୍ରୀଯୁକ୍ତ ସୁଧାଂଶୁ ପୁରୋହିତ, ଅଧକ୍ଷ, ରକ୍ଷାକର ଅନୁପମ୍, ମନୋଜ ନାଏକ, ଚେରୁମଣି, ସୁଶ୍ରୀ ସୁବନ୍ତି |
| ୩ | ଏସ୍‌ଏମ୍‌ପି ମହାବିଦ୍ୟାଳୟ, କିର୍ମିରା | ୨୨.୦୯.୧୬ | ୬୫ | ଶ୍ରୀଯୁକ୍ତ ସୁରୁ ପଶାୟତ, ଅଧକ୍ଷ, ସୁଷମା, ରକ୍ଷାକର ଅନୁପମ, ସୁଶ୍ରୀ ସୁବନ୍ତି, ଚେରୁମଣି କାଲୋ |
| ୪ | ପିଏସ୍‌କେ ଡ୍ରିଗ୍ରୀ ମହାବିଦ୍ୟାଳୟ, କୋଲାବିରା | ୨.୧୦.୧୬ | ୧୦୦ | ଶ୍ରୀଯୁକ୍ତ ସୁମନ୍ତ ଶେଖର ବହିଦାର, ସାମ୍ବାଦିକ, ଶ୍ରୀଯୁକ୍ତ ମାନସ ପୁରୋହିତ, ଆର୍ ଦଲାଇ, ରକ୍ଷାକର ଅନୁପମ୍, |
| ୫ | ମହିମା ଡ୍ରିଗ୍ରୀ ମହାବିଦ୍ୟାଳୟ, ବିଜାପୁର, ପଞ୍ଚଗାଁ | ୨୩.୧୧.୧୫ | ୮୨ | ଶ୍ରୀଯୁକ୍ତ ଏସ୍ କେ ବଢ଼େଇ, ଅଧାପକ, ସୁଷମା , ରକ୍ଷାକର ଅନୁପମ, ସୁଶ୍ରୀ ସୁବନ୍ତି, |
| ୬ | କେପିପିଏ ଡ୍ରିଗ୍ରୀ ମହାବିଦ୍ୟାଳୟ, ମଳିପଡ଼ା | ୨୩.୦୮.୧୬ | ୩୭ | ଶ୍ରୀଯୁକ୍ତ ସୁରେନ୍ଦ୍ର ସାହୁ, ଅଧକ୍ଷ, ଅମିୟ ପାଣ୍ଡବ, ଖୋକନ ନାଏକ, ଅବକାଶ ସାହୁ, ବିଦ୍ୟାଧର ଘଟୁଆଲ, ସୁଷମା |
| ୭ | କୁଞ୍ଜ ବିହାରି ଡ୍ରିଗ୍ରୀ ମହାବିଦ୍ୟାଳୟ, ବାରଙ୍ଗ | ୧୯.୧୦.୨୦୧୬ | ୧୦୮ | ଡ଼ଃ ଲିପି ପୁଷ୍ପା ନାୟକ, ଡ଼ଃ ଜୟଶ୍ରୀ ନନ୍ଦ, ସୁଷମା ସାହୁ, ସରୋଜ ବିଶ୍ୱାଳ, ଭିକାରି ଦାସ, ଏ ଆର ଅନୁପମ |
| ୮ | ଆର୍ ଏମ୍ ଡ୍ରିଗ୍ରୀ ମହାବିଦ୍ୟାଳୟ, ପଟିଆ | ୧୭.୧୦.୧୬ | ୩୩ | ଶ୍ରୀଯୁକ୍ତ ତ୍ରିଲୋଚନ ରଥ, ଅଧକ୍ଷ, ପୁଷ୍ପାଞ୍ଜଳି ପଣ୍ଡା, ଅଧ୍ୟାପିକା, ସୁରେଶ ବିଶୋଇ,ସମାଜସେବୀ, କବି-ସରୋଜ ବିଶ୍ୱାଳ, ଏଆର୍ ଅନୁପମ |
| ୯ | କେବି ଡିଏଭି ଡ୍ରିଗ୍ରୀ ମହାବିଦ୍ୟାଳୟ, ନିରାକାରପୁର | ୨୫.୧୦.୧୬ | ୧୮୭ | ଶ୍ରୀଯୁକ୍ତ ରାମ ଦାସ, ଅଧକ୍ଷ, ବାବାଜି ଚରଣ ରାଉତରାୟ, ବିର କିଶୋର ମହାନ୍ତି, ଅଧାପକ, ସନ୍ତୋଷ ପଣ୍ଡା, ଡ଼ଃ ଧନଞ୍ଜୟ ଦାସ, ନିରୋଦ ଖୁଣ୍ଟିଆ, ପ୍ରଶିକ୍ଷଣ ସଂଯୋଜକ, ଏନ୍‌ଏସ୍‌ଏସ, ଓଡ଼ିଶା, ଜ୍ୟୋତି ମହାପାତ୍ର, ନିରାକାର ବେହୁରା, ରକ୍ଷାକର ଅନୁପମ ଓ ମହେନ୍ଦ୍ର ଭୂୟାଁ. |
| ୧୦ | ଦୟାବିହାର ଡ୍ରିଗ୍ରୀ ମହାବିଦ୍ୟାଳୟ, | ୨୫.୧୦.୧୬ | ୭୯ | ସୁପ୍ରଭା ସଡ଼ଙ୍ଗି, ଅଧ୍ୟାପିକା, ଅଜୟକୁମାର ମହାପାତ୍ର, ସଂଗ୍ରାମ କିଶୋରୀ ପାଣିଗ୍ରାହି,ନିରୋଦ ଖୁଣ୍ଟିଆ, ପ୍ରଶିକ୍ଷଣ ସଂଯୋଜକ, ଏନ୍‌ଏସ୍‌ଏସ୍, ଓଡ଼ି ଶା, ଜ୍ୟୋତି ମହାପାତ୍ର, ନିରାକାର ବେଉରା, ରକ୍ଷାକର ଅନୁପମ, |
| ୧୧ | ସନାତନ ହରିଚନ୍ଦନ ମହାବିଦ୍ୟାଳୟ, ମଦନପୁର, ଖୋର୍ଦ୍ଧା ଜିଲ୍ଲା | ୨୭.୧୦.୧୬ | ୫୩ | ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦାସ, ଅଧକ୍ଷ , ଅଶୋକ ସୁବୁଦ୍ଧି, ଅଧାପକ, ଗୀତାଞ୍ଜଳି ସତପଥି, ଅଧାପିକା, ସୁ ଦର୍ଶନ ଛୋଟରାୟ, ଅଖିଳ ଜେନା, ରକ୍ଷାକର ଅନୁପମ, ସୁଶ୍ରୀ ସବୁନ୍ତି, ଚେରୁମଣି, ସୁବାଷ ରଣସିଂ |
| ୧୨ | ବ୍ରଜରାଜନଗର ମହାବିଦ୍ୟାଳୟ, ବ୍ରଜରାଜନଗର | ୩୧.୧୦.୧୬ | ୭୫ | ଡ଼ଃ ଏସ୍. ବ ହିଦାର, ଅଧକ୍ଷା, ବିକ୍ରମ ପଧାନ, ଅଧାପକ, ଡ଼ଃ ସଙ୍ଗିତା ନାଏକ, ଅଧାପିକା, ଶ୍ରୀ ଆର୍ ଅନୁପମ, ସୁଷମା ସାହୁ, ସୁଶ୍ରୀ ସୁବନ୍ତି, ଚେରୁମଣି କାଲୋ |
| ୧୩ | ଦୁତିକା ସାହୁ ମହାବିଦ୍ୟାଳୟ, ଲଇଡା | ୦୪-୧୧-୨୦୧୬ | ୧୫୪ | ପ୍ରଭାତି ସାହୁ, ଅଧକ୍ଷା, ଜୟନାରାୟଣ ସତପଥୀ, ଶ୍ରୀକାନ୍ତ ପଟେଲ, ରସାନନ୍ଦ, ଶ୍ରୀ ଆର୍ ଅନୁପମ, ସୁଷମା ସାହୁ, ସୁଶ୍ରୀ ସୁବନ୍ତି, ଚେରୁମଣି |
| ୧୪ | ଭାତଲଇଡା ଜୁନିୟର ମହାବିଦ୍ୟାଳୟ, ଭାତଲଇଡା | ୦୪/୧୧/୨୦୧୬ | ୯୪ | ସନ୍ତୋଷ ପଟେଲ, ଅଧକ୍ଷ, ସୁକାନ୍ତ ସାହୁ, ପ୍ରଶ୍ନ ରାମ୍‌ଦାସ, ସୁଶାନ୍ତ କୁମାର ଦାସ, ଅମିୟ ପଟେଲ, ସୁମନ୍ତ ଶେଖର ବହି ଦାର, ସାମ୍ବା ଦିକ, ଶ୍ରୀ ଆର୍ ଅନୁପମ, ସୁଷମା ସାହୁ, ସୁଶ୍ରୀ ସୁବନ୍ତି, ଚେରୁମଣି |
| ୧୫ | ବାଳିକା ମହାବିଦ୍ୟାଳୟ, ଝାରସୁଗୁଡ଼ା | ୫.୧୧.୧୬ | ୬୮ | ଶ୍ରୀମତି ବଳଭିନ୍ଦ୍ରି କୁଅର, ଅଧକ୍ଷା, କଲ୍ୟାଣି ମିଶ୍ର, ଅଧାପିକା, ଶ୍ରୀ ଏ. ଆର. ଅନୁପମ, ଅଧକ୍ଷ ଟ୍ରଷ୍ଟି, ଧରମା ଫ ାଉଣ୍ଡେସନ, ସୁଷମା, ସୁଶ୍ରୀ |

<u>ଜୁନିୟର ମହାବିଦ୍ୟାଳୟ</u>

| କ୍ର. ନଂ | ମହାବିଦ୍ୟାଳୟର ନାମ | ତାରିଖ | ସଭ୍ୟ/ସଭ୍ୟା ସଂଖ୍ୟା | ଉପସ୍ଥିତ ଅତିଥି |
|---|---|---|---|---|
| ୧ | କେବିକେ ମହାବିଦ୍ୟାଳୟ, ସାଲେଟିକ୍ରା | ୬.୧୦.୧୬ | ୧୪୯ | ଶ୍ରୀଯୁକ୍ତ ବିହାରି ପଟେଲ, ଅଧ୍ୟକ୍ଷ, ରକ୍ଷାକର ଅନୁପମ, ସୁଦର୍ଶନ ଛୋଟରାୟ, ସୁଷମା, ଅଧ୍ୟାପିକା, ମାଲ୍ୟାଣୀ ପଧାନ, |
| ୨ | ଡ଼ିପିଏ ମହାବିଦ୍ୟାଳୟ, ବାଗମରା | ୦୬.୧୦.୧୬ | ୧୬୫ | ରକ୍ଷାକର ଅନୁପମ, ସୁଦର୍ଶନ ଛୋଟରାୟ, ସୁଷମା, |
| ୩ | ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଲଇକେରା | ୨୩.୦୯.୧୬ | ୧୯୪ | ଶ୍ରୀଯୁକ୍ତ ଦିଲିପ ପଟେଲ, ଅଧ୍ୟକ୍ଷ, ରକ୍ଷାକର ଅନୁପମ୍, ମନୋଜ ନାଏକ, ଚେରୁମଣି, ସୁଶ୍ରୀ ସୁବନ୍ତି |
| ୪ | ପିଏସ୍‌କେ ମହାବିଦ୍ୟାଳୟ, କୋଲାବିରା | ୧.୧୦.୧୬ | ୭୯ | ଶ୍ରୀଯୁକ୍ତ ମାନସ ପୁରୋହିତ, ଆର୍ ଦଲାଇ, ସୁମନ୍ତ ଶେଖର ବହିଦାର, ରକ୍ଷାକର ଅନୁପମ୍, |
| ୫ | ମହିମା ମହାବିଦ୍ୟାଳୟ, ବିଜାପୁର | ୨୩.୧୧.୧୫ | ୧୮୬ | ଶ୍ରୀଯୁକ୍ତ ଛନ୍ଦାଚରଣ ଭୋଇ, ଅଧ୍ୟକ୍ଷ, ଶ୍ରୀମତି ସୁଷମା ସାହୁ, ରକ୍ଷାକର ଅନୁପମ, |
| ୬ | ଏସ୍ ଏସ୍ ମହାବିଦ୍ୟାଳୟ, ତାଲପଟିଆ | ୦୪.୧୦.୧୬ | ୫୯ | ଶ୍ରୀଯୁକ୍ତ ସୁଦର୍ଶନ ଛୋଟରାୟ, ରକ୍ଷାକର ଅନୁପମ, ସୁଶ୍ରୀ ସୁବନ୍ତି, |
| ୭ | ପିକେଏସ୍‌ଏସ୍ ମହାବିଦ୍ୟାଳୟ, ହଂ କଟାପାଲି | ୨୨.୦୯.୨୦୧୬ | - | ଶ୍ରୀଯୁକ୍ତ ସନ୍ତୋଷ ସାହୁ, ଅଧ୍ୟକ୍ଷ, ଅଧ୍ୟାପିକା ମନ୍ଦାକୀନି ପୁରୋହିତ, ଏ.ଆର୍ ଅନୁପମ, ଚେରୁମଣି, |
| ୮ | କୁଞ୍ଜ ବିହାରି ମହାବିଦ୍ୟାଳୟ, ବାରଙ୍ଗ | ୧୯.୧୦.୨୦୧୬ | ୩୯ | ଡ଼ଃ ଲିପିପୁଷ୍ପା ନାୟକ, ଡ଼ଃ ଜୟଶ୍ରୀ ନନ୍ଦ, ସୁଷମା ସାହୁ, ସରୋଜ ବିଶ୍ୱାଳ, ଭିକାରି ଦାସ, ଏ ଆର ଅନୁପମ |
| ୯ | ଏସ୍‌ଏମ୍‌ପି ମହାବିଦ୍ୟାଳୟ, କିର୍ମିରା | ୨୨.୦୯.୧୬ | ୭୬ | ଶ୍ରୀଯୁକ୍ତ ଅରୁଣ କୁମ୍ଭାର, ଅଧ୍ୟକ୍ଷ, ସୁଷମା, ଏ.ଆର ଅନୁପମ, ଯୁଧିଷ୍ଠିର ପଟେଲ, ଅଧ୍ୟାପକ, |
| ୧୦ | ବେଲପାହାଡ଼ ମହାବିଦ୍ୟାଳୟ | ୩.୧୦.୧୬ | ୧୨୩ | ଡ଼ଃ ଧ୍ୟାନରଞ୍ଜନ ଦିକ୍ଷୀତ, ଅଧ୍ୟକ୍ଷ,ଶ୍ରୀଯୁକ୍ତ ଦିଲିପ ପଟେଲ, ରାଧାରମଣ ଦଲାଇ, ଅଧ୍ୟାପକ, ସୁଦର୍ଶନ ଛୋଟରାୟ, ରକ୍ଷାକର ଅନୁପମ, ଲୋକନାଥ ସାହୁ. |
| ୧୧ | ସନାତନ ହରିଚନ୍ଦନ ମହାବିଦ୍ୟାଳୟ, ମଦନପୁର, ଖୋର୍ଦ୍ଧା ଜିଲ୍ଲା | ୨୮.୧୦.୧୬ | ୯୫ | ଶ୍ରୀଯୁକ୍ତ ଚୌଧୁରି ଅଜୟ କୁମାର ଦାସ, ଅଧ୍ୟକ୍ଷ, ହୃଷିକେଷ ରାଉତରାୟ, ଅଧ୍ୟାପକ, ଅଖିଳ ଜେନା, ରକ୍ଷାକର ଅନୁପମ, ସୁଶ୍ରୀ ସବୁନ୍ତି, ଚେରୁମଣି, |
| ୧୨ | ବ୍ରଜରାଜନଗର ମହାବିଦ୍ୟାଳୟ, ବ୍ରଜରାଜନଗର | ୩୧.୧୦.୧୬ | ୬୭ | ଡ଼ଃ ଏସ୍. ବ ହିଦାର, ଅଧ୍ୟକ୍ଷା, ବିକ୍ରମ ପ୍ର ଧାନ, ଅଧ୍ୟାପକ, ଡ଼ଃ ସଙ୍ଗିତା ନାଏକ, ଅଧ୍ୟାପିକା, ଶ୍ରୀ ଆର୍ ଅନୁପମ, ସୁଷମା ସାହୁ, ସୁଶ୍ରୀ ସୁବନ୍ତି, ଚେରୁମଣି |
| ୧୩ | ଅର୍ଦ୍ଦା ଜୁନିୟର ମହାବିଦ୍ୟାଳୟ, ଅର୍ଦ୍ଦା | ୦୧.୧୧.୨୦୧୬ | ୭୬ | ଶ୍ରୀଯୁକ୍ତ ଶୈଳ ଭଇଁଷା, ଅଧ୍ୟକ୍ଷ, ଶ୍ରୀଯୁକ୍ତ ସୁବାଷ ବେହେରା, ଶ୍ରୀଯୁକ୍ତ ଅର୍ଜୁନ ସାହୁ, ଏସ୍.ବି ସାମନ୍ତ, ଶ୍ରୀଯୁକ୍ତ ବୈଶାଖୁ ମାଝି, ଶ୍ରୀଯୁକ୍ତ ଗୋକୁଳ ସାହୁ, ଶଙ୍କର ତାଣ୍ଡିଆ, ଲୋକନାଥ ସାହୁ |
| ୧୪ | ସାବିତ୍ରି ଗୋପାଳ ପଂଚାୟତ ମହାବିଦ୍ୟାଳୟ, ବିରବିରା, ସୁନ୍ଦରଗଡ଼ | ୦୩.୧୧.୨୦୧୬ | ୧୪୫ | ଶ୍ରୀଯୁକ୍ତ ବିଜୟ ପଟେଲ, ଅଧ୍ୟକ୍ଷ, ଶ୍ରୀଯୁକ୍ତ କରୁଣାକର ପ୍ରଧାନ, ଶ୍ରୀଯୁକ୍ତ ଉଦ୍ଧବ ମହନ୍ତ, ଶ୍ରୀଯୁକ୍ତ ସୁମିତ୍ର ନାଏକ, ଆର୍. ଅନୁପମ, ସୁଷମା ସାହୁ, ସୁଶ୍ରୀ ସୁବନ୍ତି, ଚେରୁମଣି କାଲୋ |
| ୧୫ | ଦୁତିକା ସାହୁ ମହାବିଦ୍ୟାଳୟ, ଲଇଡା | ୦୪-୧୧-୨୦୧୬ | ୧୨୪ | ପ୍ରଭାତି ସାହୁ, ଅଧ୍ୟକ୍ଷା, ଜୟନାରାୟଣ ସତପଥୀ, ଶ୍ରୀକାନ୍ତ ପଟେଲ, ରସାନନ୍ଦ, ଶ୍ରୀ ଆର୍ ଅନୁପମ, ସୁଷମା ସାହୁ, ସୁଶ୍ରୀ ସୁବନ୍ତି, ଚେରୁମଣ |

# ଧରମା

ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ଶ୍ରମିକ ପିଲାମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ତରଫରୁ ଶିକ୍ଷା ସହାୟତା ପ୍ରଦାନ କରାଯାଉଅଛି । ଏହି ଶିକ୍ଷା ସହାୟତା ପାଇବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଧରମା ଫାଉଣ୍ଡେସନ ପକ୍ଷରୁ ସଚେତନ କରାଯାଉଛି । ମିଳୁଥିବା ଶିକ୍ଷା ସହାୟତା ରାଶି ସଂପର୍କରେ ସୂଚନା ପ୍ରଦାନ କରାଗଲା । ଏହି ସୁବିଧା ହାସଲ କରିବାକୁ ହେଲେ ଶ୍ରମିକ ନିଜର ନାମ ପ୍ରଥମେ ଜିଲ୍ଲା ଶ୍ରମ ଅଧିକାରିଙ୍କ ନିକଟରେ ପଞ୍ଜୀକରଣ କରି ବୋର୍ଡ଼ର ହିତାଧିକାରି ହେବାକୁ ପଡ଼ିବ ।

## ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ସୁବିଧା ସଂପର୍କରେ ଏଠାରେ ସୂଚନା ପ୍ରଦାନ କରାଗଲା

| କ୍ର.ନଂ | ସୁବିଧା | ଟଙ୍କା |
|---|---|---|
| ୧ | ଶ୍ରମିକର ଦୁର୍ଘଟଣାରେ ମୃତ୍ୟୁ ହେଲେ | ୨,୦୦,୦୦୦/- |
| ୨ | ସ୍ୱାଭାବିକ/ସାଧାରଣ ମୃତ୍ୟୁ ହେଲେ | ୧,୦୦୦୦୦/- |
| ୩ | ଶ୍ରମିକର ମୃତ୍ୟୁ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ | ୫,୦୦୦/- |
| ୪ | ଦୁର୍ଘଟଣା ହେଲେ ସହାୟତା ବା ଅକ୍ଷମତା କ୍ଷତି ଅନୁପାତରେ | ୧ ଲକ୍ଷ ୭୫ ହାଜାର ପର୍ଯ୍ୟନ୍ତ |
| ୫ | ୬୦ ବର୍ଷ ପୂରଣ କରୁଥିବା ଶ୍ରମିକଙ୍କୁ ବୃତ୍ତିଭିତ୍ତିକ ପେନସନ୍ | ୫୦୦ |
| ୬ | ଶ୍ରମିକଙ୍କୁ ଦୂରାରୋଗ୍ୟ ବ୍ୟାଧି ଯଥା: କ୍ୟାନ୍ସର, ହୃଦ୍ ରୋଗ, ବୃକ୍କ ଓ ମସ୍ତିସ୍କ ଆଦି ଚିକିତ୍ସା ନିମନ୍ତେ | ସମସ୍ତ ଖର୍ଚ୍ଚର ସହାୟତା । |
| ୭ | ଯନ୍ତ୍ରପାତି କ୍ରୟ ନିମନ୍ତେ | ୪,୦୦୦/- |
| ୮ | ଗୃହ ନିର୍ମାଣ ପାଇଁ | ୧ ଲକ୍ଷ ୫୦ ହଜାର ଟଙ୍କା |
| ୯ | କୁଶଳତା ଅଭିବୃଦ୍ଧି (Skill development) ନିମନ୍ତେ | ୬,୦୦୦/- |
| ୧୦ | ମାତୃତ୍ୱ କାଳୀନ (Materanity benifite) ସହାୟତା ଦୁଇଟି ସନ୍ତାନ ପାଇ | ୧୬,୦୦୦/- |
| ୧୧ | ଶ୍ରମିକର ଦୁଇଟି ଝିଅ ବାହାଘର ପାଇଁ | ୫୦ ହଜାର ଟଙ୍କା |
| ୧୨ | ସୁରକ୍ଷା ଜନିତ ସହାୟତା - ହେଲମେଟ୍, ଜୋତା ଓ ହେଣ୍ଡ ଗ୍ଲୋବ ପାଇଁ | ୧୦୦୦/- |
| ୧୩ | ସ୍ୱାସ୍ଥ୍ୟବୀମା ଯୋଜନାରେ | ବର୍ଷରେ ୩୦ ହଜାର ଟଙ୍କା |

## କଲ୍ୟାଣ ବୋର୍ଡ଼ ବିଭିନ୍ନ ଯୋଜନାରେ ଘୋଷଣା କରିଥିବା ଅର୍ଥ ପରିମାଣକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଧରମା ଫାଉଣ୍ଡେସନ ଦାବି କରୁଅଛି ।

| କ୍ର.ନଂ | ଶ୍ରେଣୀ | ବର୍ଷକୁ (ଟଙ୍କା) |
|---|---|---|
| ୧ | +୨, ଶିକ୍ଷା ପାଇଁ | ୧୨,୦୦୦/- |
| ୨ | +୩, ଶିକ୍ଷା ପାଇଁ | ୧୫,୦୦୦/- |
| ୩ | ଆଇ.ଟି.ଆଇ ଶିକ୍ଷା ପାଇଁ | ୨୦,୦୦୦/- |
| ୪ | ଡ଼ିପ୍ଲୋମା ଶିକ୍ଷା ପାଇଁ | ୪୦.୦୦୦/- |
| ୫ | ଟେକ୍‌ନିକାଲ ଶିକ୍ଷା ପାଇଁ | ୭୦,୦୦୦/- |
| ୬ | ବି.ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍‌ଏସ୍‌ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମେନେଜମେଣ୍ଟ, ଡ଼ାକ୍ତରି, ପିଜି ଶିକ୍ଷା ପାଇଁ | ୨,୦୦,୦୦୦/- |
| ୭ | ୬୦ ବର୍ଷ ପୂରଣ କରୁଥିବା ଶ୍ରମିକଙ୍କୁ ବୃତ୍ତିଭିତ୍ତିକ ପେନସନ୍ (ମାସକୁ) | ୫,୦୦୦/- |
| ୮ | ଗୃହ ନିର୍ମାଣ ପାଇଁ | ୩,୦୦୦୦୦/- (ତିନି ଲକ୍ଷ) |

# ନିର୍ମାଣ କ୍ଷେତ୍ରର ଶିଶୁ

-ଶୈଲେନ ରାଉତରାଏ

ନିର୍ମାଣ କ୍ଷେତ୍ରରୁ ଜାତୀୟ ଆୟର ଦୁଇ କୋଟି ଲକ୍ଷ ଟଙ୍କାରୁ ଅଧିକ ସଙ୍ଗୃହୀତ ହୁଏ । ନିର୍ମାଣ କ୍ଷେତ୍ରରେ ଭାରତରେ କର୍ମରତ ନରନାରୀମାନଙ୍କର ସଂଖ୍ୟା ବର୍ତ୍ତମାନ ତିନି କୋଟିରୁ ଚାରି କୋଟି ଭିତରେ ଆକଳନ କରାଯାଏ । ଏହି ଶ୍ରମିକମାନଙ୍କର ପିଲାମାନଙ୍କର ସଂଖ୍ୟା ପାଞ୍ଚ କୋଟିରୁ ମଧ ଅଧିକ । ନିର୍ମାଣ କ୍ଷେତ୍ର ବିଷୟରେ ନିର୍ଭରଯୋଗ୍ୟ ପରିସଂଖ୍ୟାନ ଉପଲବ୍ଧ ନାହିଁ । ମାତ୍ର ଦ୍ୱିତୀୟ ଜାତୀୟ ଶ୍ରମ ଆୟୋଗ ଅନୁସାରେ ଭାରତର ଶ୍ରମିକମାନଙ୍କ ଭିତରୁ ଶତକଡ଼ା ଦଶ ଭାଗ ନିର୍ମାଣ କ୍ଷେତ୍ରରେ କାମ କରନ୍ତି । କୃଷି ପରେ ଏହି ଅନୁପାତ ସର୍ବାଧିକ । ଏହି ଶ୍ରମିକମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଦରିଦ୍ର, ଗ୍ରାମୀଣ ଜନଗୋଷ୍ଠୀର ଯେଉଁଥିରୁ ଅଧିକାଂଶ ଆଦିବାସୀ, ଦଳିତ ଓ ଓବିସି ସମ୍ପ୍ରଦାୟର । ଏମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଅତି କମ୍ ମଜୁରିରେ, ଏକ ସାମନ୍ତବାଦୀ ଶୋଷଣର ସମ୍ମୁଖୀନ ହୋଇ, ଘରବାଡ଼ି, ରାସ୍ତାଘାଟ, ରେଳଲାଇନ୍, ଉଡ଼ାଜାହାଜ ପଡ଼ିଆଠାରୁ ଆରମ୍ଭ କରି ବନ୍ଦର ଓ ମଲ୍ ଆଦି ତିଆରି କରି ସେମାନେ ଭାରତର ଆଧୁନିକ ଅର୍ଥନୀତିର ମେରୁଦଣ୍ଡ ଭାବରେ ସେମାନେ କାମ କରନ୍ତି । ଆନ୍ତରାଷ୍ଟ୍ରୀୟ ଶ୍ରମ ସଙ୍ଗଠନ ଅନୁସାରେ ଭାରତୀୟ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରେ ଦୁର୍ଘଟଣାର ହାର ସମଗ୍ର ପୃଥିବୀରେ ସର୍ବାଧିକ ।

ଏହି ଶ୍ରମିକମାନଙ୍କ ଭିତରୁ ପାଖାପାଖି ଏକ ତୃତୀୟାଂଶ ମହିଳା ଓ ଶିଶୁ । ଯେଉଁ ଶିଶୁମାନେ ଶ୍ରମ କରୁନାହାନ୍ତି ସେମାନେ ପ୍ରାୟତଃ ବିଦ୍ୟାଳୟ ଯାଆନ୍ତି ନାହିଁ । ଶିକ୍ଷା ଅଧିକାର ଆଇନ୍ ୨୦୦୯ର ଦାଏରା ଭିତରେ ଏହି ପିଲାମାନଙ୍କୁ ଆଣିବା ଏକ ଦୁରୁହ ବ୍ୟାପାର । ନିର୍ମାଣ ଶ୍ରମିକ ଭାବରେ କାମ କରୁଥିବା ପିଲାଙ୍କ ଛଡ଼ା ଅନେକ ଶିଶୁ ନିର୍ମାଣ ହୋଇଥିବା ଜାଗାରେ ହିଁ ବସବାସ କରନ୍ତି । ଏହି ଜାଗାମାନଙ୍କରେ ସେମାନେ ଅନେକ ଦୁର୍ଯୋଗ ଓ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି । ଏହି ନିର୍ମାଣ କ୍ଷେତ୍ରମାନଙ୍କରେ ପ୍ରାୟତଃ ଶିକ୍ଷାର ବ୍ୟବସ୍ଥା ନଥାଏ । ଏଣୁ ନିର୍ମାଣ ଶ୍ରମିକଙ୍କର ପିଲାମାନେ ପ୍ରାୟତଃ ଦଶ ବାର ବର୍ଷ ବୟସରୁ ବାପା ମା ମାନଙ୍କ ସହିତ କାମ କରିବାକୁ ଆରମ୍ଭ କରନ୍ତି । ଏହି ପିଲାମାନଙ୍କ ଉପରେ ସଙ୍ଗଠିତ ଏକ ଅଧ୍ୟୟନ ଅନୁସାରେ ଦେଶରେ ଶିଶୁ ପୁଷ୍ଟିହୀନତାର ହାର ଶତକଡ଼ା ୨୧ ଭାଗ ହୋଇଥିଲା ବେଳେ ନିର୍ମାଣ ସ୍ଥଳମାନଙ୍କରେ ଶତକଡ଼ା ୭୦ ଭାଗ ପିଲା କୁପୋଷଣର ଶୀକାର ହେଉଛନ୍ତି । ଆଇନ ଅନୁସାରେ ୩୦ ଜଣରୁ ଅଧିକ ମହିଳା ନିର୍ମାଣ ଶ୍ରମିକ କାମ କରୁଥିବା ଜାଗାରେ କ୍ରେଚ ରହିବା ଆବଶ୍ୟକ ଓ ଏହା ଚଳାଇବା କମ୍ପାନୀର ଦାୟିତ୍ୱ । ମାତ୍ର ପ୍ରାୟତଃ କମ୍ପାନୀମାନେ ଏହି ଦାୟିତ୍ୱର ନିର୍ବାହ କରନ୍ତି ନାହିଁ ।

୧୯୬୦ ଦଶକରେ ଗଠିତ ପ୍ରଥମ ଜାତୀୟ ଶ୍ରମ ଆୟୋଗର ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଅଧ୍ୟୟନ ଗୋଷ୍ଠୀ ଏହି ଶ୍ରମିକମାନଙ୍କର ଅସଙ୍ଗଠିତ ଅବସ୍ଥା ବଦଳାଇବା ନିମନ୍ତେ ସୁପାରିଶ କରିଥିଲେ । ଦ୍ୱିତୀୟ ଜାତୀୟ ଶ୍ରମ ଆୟୋଗ ମଧ୍ୟ ନିଜ ରିପୋର୍ଟରେ ଏହି କ୍ଷେତ୍ରରେ ଗୋଡି ପ୍ରଥା ଓ ଶିଶୁ ଶ୍ରମିକମାନଙ୍କର ଅବସ୍ଥିତି ବିଷୟରେ ଆଲୋଚନା କରିଥିଲେ । ୨୦୧୧ ମସିହାରେ ଜନଗଣନା ଅନୁସାରେ ପ୍ରାୟ ପାଞ୍ଚ ନିୟୁତ ଶିଶୁ ଶ୍ରମିକ (ପାଞ୍ଚ-ଚଉଦ ବର୍ଷ ବୟସ ମଧ୍ୟରେ) କାମ କରୁଥିଲେ । ଏଥି ମଧ୍ୟରୁ ନିର୍ମାଣ କ୍ଷେତ୍ରରେ ଶତକଡ଼ା ସତର ଭାଗ ଶିଶୁ ଶ୍ରମିକ କାର୍ଯ୍ୟରତ ଥିଲେ । ଏହି ଶିଶୁ ଶ୍ରମିକ ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରର ଶ୍ରମିକମାନଙ୍କର ଦାୟିତ୍ୱ ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର । ଏହି ବୋର୍ଡ଼ର ଦାବି ଅନୁସାରେ ୧,୫୦,୦୦ରୁ ଉର୍ଦ୍ଧ ଶ୍ରମିକ ଏହାର କାମ ଦ୍ୱାରା ଲାଭାନ୍ୱିତ ହୋଇଛନ୍ତି ତଥା ଜୁନ୍ ୨୦୧୫ ମସିହା ପର୍ଯ୍ୟନ୍ତ ୫୫ କୋଟିରୁ ଅଧିକ ଟଙ୍କା ବଣ୍ଟା ହୋଇଛି । ମାତ୍ର ନିର୍ମାଣ ଶ୍ରମିକ ମାନଙ୍କର ଆବଶ୍ୟକତାକୁ ଚାହିଁ ଏହା ସମୁଦ୍ରକୁ ଶଙ୍ଖେ ଭଳି । ଏହି ବୋର୍ଡ଼ ପାଖରେ ଓଡ଼ିଶାରେ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶିଶୁ ଶ୍ରମିକମାନଙ୍କ ବିଷୟରେ କିଛି ବ୍ୟବସ୍ଥିତ ପରିସଂଖ୍ୟାନ ଥିଲା ଭଳି ଜଣା ପଡ଼େ ନାହିଁ ।

ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶିଶୁ ଶ୍ରମିକ ଓ ଶ୍ରମିକମାନଙ୍କର ଶିଶୁମାନଙ୍କ ବିଷୟରେ ପରିସଂଖ୍ୟାନର ଘୋର ଅଭାବ ରହିଛି । ଏହି ବିଷୟରେ ଅଳ୍ପ କିଛି ଗବେଷଣା ହୋଇଥିଲେ ମଧ୍ୟ, କ୍ଷେତ୍ର ଗବେଷଣା ଓ ବଡ଼ ଆକାରର ସର୍ଭେର ଏଥି ନିମନ୍ତେ ଆବଶ୍ୟକତା ରହିଛି । ଏହା ଛଡ଼ା ନିର୍ମାଣ କ୍ଷେତ୍ରର ଶିଶୁମାନଙ୍କ ଉପରେ କାମ କରିଥିବା ନାନାଦି ସଙ୍ଗଠନମାନଙ୍କର ପଞ୍ଜୀକରଣ ମଧ୍ୟ ହେବା ଦରକାର । ଆନୁଷ୍ଠାନିକ ଶିକ୍ଷା ସହିତ ଅଣଆନୁଷ୍ଠାନିକ ଶିକ୍ଷାର ନାନାଦି ପ୍ରୟୋଗର କାର୍ଯ୍ୟକାରିତା ମଧ୍ୟ ଏହି କ୍ଷେତ୍ରରେ ପରୀକ୍ଷାନିରୀକ୍ଷାର ଅପେକ୍ଷା ରଖେ ।




# କୋଣାର୍କ

-ସଚି ରାଉତରାୟ

ତୁମେ ଦେଖିଅଛ ଶିଳାରେ ତାର ତ
ରମ୍ୟ କଳାର ରୂପ,
ମୁଁ ଦେଖିଚି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୂପ।
ତୁମେ ଦେଖିଅଛ ଫୁଟିବ କିପରି
କଳାର କାଉଁରୀ ଲାଗି,
ରାତ୍ରିର କଳା ଯବନିକା ପରେ
ସ୍ୱର୍ଣ୍ଣ ଉଷାର ଛବି।
ଦେଖିଚ କିପରି କବିତା ଫୁଟିଚି
ପାଷାଣର ମୂକ ଦେହେ,
ତଂଦ୍ରାମଗନ ଅଳସ ସପନେ
ବୁଡ଼ିଚ ନିବିଡ଼ ସ୍ନେହେ।
ତୁମେ ଚାଖିଅଛ ରସର ଝର୍ଣ୍ଣା
ଚାରୁ ମନ୍ଦିର ତଳେ
ଗଂଡୁଷ ଭରି ପିଇଚ ପୀୟୁଷ
ନିଭାଇ ତୃଷାନଳେ।
ମୁଁ ଫେରିଚି ହାୟ ଦୀନ ବେରସିକ
ତାହାରି ସିଂହଦ୍ୱାରୁ,
ପୁଞ୍ଜିତ ବ୍ୟଥା ଅବସାଦ ଗୁରୁ
ବଳିଅଛି ହୃଦଭାରୁ।
ମୂଳିଆର ଆଖି ନେଇ-
ମୁଁ ଦେଖିଚି ସେଇ ମନ୍ଦିର ରୂପ ବ୍ୟଥାର ଆରତି
ଦେଇ।
ମୁଁ ଦେଖିଚି ସେଇ ଶିଳାର କବରେ
କେତେ କାରିଗର ଛାତି,
ତିଳେ ତିଳେ ହାୟ ଲଭିଲା ସମାଧି,
ସହିଲା କଷଣ ତାତି।
କେତେ ମଜଦୁର ଗର୍ଦ୍ଦଭ ପରି
ବହି ବହି ଶିଳାଭାର,
ବଙ୍କା କଲେଟି ନିଜ ମେରୁହାଡ଼
ହିସାବକି ଅଛି ତାର ?
କେତେ ଯେ ବଟାଳି, ନିହାଣ ମୁଗୁର
ରଜାର ହୁକୁମ ମାନି,
କଳାମୁଗୁନିର ଦିହରୁ ରକତ
ପୋଷ ପୋଷ କଲା ପାଣି।

କେତେ ଯେ, ବଢ଼େଇ, ମିସ୍ତ୍ରୀ, କମାର
ଶୋଣିତ ଗଲାରେ ମିଳି,
ସାଗରର ଲୁଣି ପାଣି ସେ କଥାକୁ
ଲୁଣି ପରି ଦେଲା ଗିଳି।
ଦେଖିଲା ଜଗତ ବିରାଟ ଦେଉଳ !
ଘୋଷିଲା ରାଜାର ଜୟ,
ପଣ୍ଡିତ କହେ ଦେଶର କୁଆଡ଼େ
ଲେଖା ଏଥି ପରିଚୟ।
କେ ରସିକ କହେ- ସୁନ୍ଦରୀ ନଟୀ
ଲୀଳାୟିତ ନୀବୀବଂଧ,
ସ୍ୱତଃ ଶ୍ଳଥ ତାର କାଂଚୁଲି ତଳେ
ପଦ୍ମ କୋରକ ଛନ୍ଦ !
କିଏ ଦେଖେ ନାଗ କନ୍ୟାର ଗଳେ
ରତି-ଚ୍ୟୁତ ବନମାଳା,
ଯକ୍ଷ ବଧୂର କବରୀରେ କିଏ
ଶତ ରାତ୍ରିର ଜ୍ୱାଳା ଅନୁଭବେ ନିରଂତର,
ଜାଣିବାକୁ କିଏ ଲୋଡ଼ିଚି କି କେବେ
ଇତିହାସ ମଣିଷର ?
ପଚାରିନି କିଏ କେତେ ବା ଜୀବନ
ସେ ଲାଗି ହୋଇଚି କ୍ଷୟ,
କେତେ ବା ବାରିଶି, କରତ, କୁଠାର
ଲଭିଅଛି ପରାଜୟ।
କେତେ କ୍ଷୁଧାତୁର ମଣିଷ ଖାଇଚି
କ୍ଷୁଧାରେ ସେ-ଦିନ ମାଟି,
ରମ୍ୟ କଳାର ଦରବାରେ ତାର
କିଛି ନାଇ ପରିପାଟୀ !
ନାଇ ତା ଚରଣ-ଲିପି,
ଶିଳ୍ପ ରହିଚି, ନାଇ ନାଇ ସେଠି କଳାକାର ବା
ଶିଳ୍ପୀ।
ଧନ୍ୟ ଆମର ଶିଳ୍ପ ଚାତୁରୀ !
ଧନ୍ୟ ଲଳିତ କଳା !
ରାଜାର ସୁନାମ ପ୍ରଚାରର ଲାଗି
କୋଟି ବୁକେ ବାଜେ ଶଳା !
ଅମର ହୋଇବ କାଳର କବଳେ

ଯେଣୁ, ଜଣକର ନାମ,
ଲକ୍ଷ ବେନାମି ଜୀବନରେ ତେଣୁ
ଗଢ଼ା ହେଲା ଶମଶାନ।
ଏ ଭାବ ପ୍ରବଣ ଜାତି
ଏବେ ବି ଗରବେ ଚାହିଁ ତା କବରେ
ଫୁଲାଏ ଆପଣା ଛାତି।
କୋଟି କୋଟି ବିଶୁ ମହାରଣା,
ପୁଣି ଶିବେଇ ସାମଂତ କେତେ,
ଏଇ ମନ୍ଦିର ତଳେ ଶୋଇଛନ୍ତି,
କଳାର ଫସଲ ଖେତେ।
ଗଢ଼ିବାକୁ ଏହି ମନ୍ଦିର କଳା
ଶ୍ରମିକ ରକ୍ତ ଦାନ,
କୃଷକ ଦେଲା ତା, କନକ ଶସ୍ୟ,
ରାଜକୋଷେ ଅକଳନ।
ଅଥଚ କଳାର ଦରବରେ ନାଇ
ତାଙ୍କ ବ୍ୟଥାର ସ୍ଥାନ
ହାସ୍ୟ ବା ଲୁହ, ଅଥବା କେଉଁଠି
ଫସଲ-କଟାର ଗାନ।
ତୋରଣେ ତୋରଣେ ନନ୍ଦନ ଶିରୀ,
ଯକ୍ଷ-ପୁରୀର ଲତା,
କେଉଁଠି କି ଅଛି ମାଟିର ଶସ୍ୟ,
ଧାନର ବିଜୁଳିଛଟା ?
ଆଭିଜାତ୍ୟର ବରାଦରେ ସେଠି
ସାଆଁତିଆ ରୁଚି ଛାଞ୍ଚେ,
ନଗ୍ନ ନଟୀର ନଧର ଚରଣ
ଚପଳ ଛନ୍ଦେ ନାଚେ।
ସେଠି ଅଛି ଖାଲି ଫୁଲର ଫସଲ
ସପନର ନୀଳ ଢେଉ,
ହୀରାର ସୂର୍ଯ୍ୟ ପାହାନ୍ତି ପହରେ
ପ୍ରମାଣ ତା' ନେଉ ନେଉ
କହିଯାଏ ଧରା କାନେ- ଜୀବନର ଯେତେ କ୍ଷତ,
ଅପମାନ,
ଗାଇ ନାଇ କିଏ ଗାନେ।
ରମ୍ୟ କଳାର ଲୀଳା !
କିଛି ତ କହିନି ମଣିଷର କଥା,
କହିବାର ଯାହା ଥିଲା।



# ଧରମା




A View of Construction Workers Children Festival - 2016

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ତରଫରୁ ଶ୍ରମିକ ପିଲାମାନଙ୍କୁ ମିଳୁଥିବା ଶିକ୍ଷା ସହାୟତା ।

| କ୍ର.ନଂ | ଶ୍ରେଣୀ | ବର୍ଷକୁ (ଟଙ୍କା) |
|---|---|---|
| ୧ | +୨, ଶିକ୍ଷା ପାଇଁ | ୫,୦୦୦/- |
| ୨ | +୩, ଶିକ୍ଷା ପାଇଁ | ୭,୦୦୦/- |
| ୩ | ଆଇ.ଟି.ଆଇ ଶିକ୍ଷା ପାଇଁ | ୭,୦୦୦/- |
| ୪ | ଡ଼ିପ୍ଲୋମା ଶିକ୍ଷା ପାଇଁ | ୧୦.୦୦୦/- |
| ୫ | ଟେକ୍‌ନିକାଲ ଶିକ୍ଷା ପାଇଁ | ୧୦,୦୦୦/- |
| ୬ | ବି.ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍‌ଏସ୍‌ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମେନେଜମେଣ୍ଟ, ଡ଼ାକ୍ତରି, ପିଜି ଶିକ୍ଷା ପାଇଁ | ୪୦,୦୦୦/- |

ପ୍ଲଟ ନଂ-୨୫, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା

ଧରମା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସୁଷମା ସାହୁଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ